

## ଦାଦାଙ୍କୁ ପୁତୁରାର ହତ୍ୟା ଘଟଣା :ମୁଖ୍ୟ ଅଭିଯୁକ୍ତ ଗିରଫ

ବଲଙ୍ଗା,୩।୧୨:(ମନ୍ଥନ)ବଲଙ୍ଗା ଥାନା ଅନ୍ତର୍ଗତ ତୋରିହିଁବନ୍ଧ ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଦାଦାକୁ ଗୋଡେଇ ଗୋଡେଇ ହାଣିଥିବା ମୁଖ୍ୟ ଅଭିଯୁକ୍ତ ପୁତୁରା ଅଶ୍ୱିନୀ ପ୍ରଧାନକୁ ବୁଧବାର ବଲଙ୍ଗା ପୋଲିସ ଗିରଫ କରିଛି । ଏସମ୍ପର୍କରେ ବଲଙ୍ଗା ଥାନାରେ ବିଦ୍ଧିବଦ୍ଧ ଭାବେ ଭାବେ ମାମଲା ନଂ-୨୭୦/୨୫ରେ ମୋକଦ୍ଦମା ରୁଜୁ କରାଯାଇଛି । ପୁରୀ ଏସ୍:ପି: ପ୍ରତୀକ୍ ସିଂ ଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଏସ.ଡି.ପି.ଓ ଦେବାଶିଷ ମିଶ୍ର ଓ ବଲଙ୍ଗା ଥାନା ଆଇ.ଆଇ.ସି ଦିବ୍ୟରଂଜନ ପଣ୍ଡାଙ୍କୁ ନେଇ ଗଠିତ ସ୍ପେଶାଲ ପୋଲିସ ଟିମ ଦିନସାରା ଗାଁରେ ତଦନ୍ତକରୁଛନ୍ତି ଓ ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀକୁ ଗିରଫ କରିବାକୁ ସକ୍ଷମ ହୋଇଛି । ଏହି ଘଟଣାରେ ଅଶ୍ୱିନୀଙ୍କ ପରିବାରର ୨ ମହିଳାଙ୍କୁ ଅଟକରଖି ପୋଲିସ ତଦନ୍ତ ଜାରି ରଖିଛି । ପୁରୀରୁ ଆସିଥିବା ସାଇନଂଟିଫିକ୍ ଟିମ୍ ତୋରିହିଁ ବନ୍ଧ ଗାଁରେ ପହଞ୍ଚି ଘଟଣାସ୍ଥଳର ତନ୍ନତନ୍ନ ଯାଞ୍ଚ କରି କେତେକ ପଦାର୍ଥ ଜବତ କରିଛନ୍ତି । ଏହି ଘଟଣା ଗାଁରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତର ଗିରଫ ପରେ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ ପରିଲକ୍ଷିତ ହେଉଛି । କେବଳ ଗାଁ କାହିଁକି ସମଗ୍ର ଅଞ୍ଚଳରେ ଏହା ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଘଟଣାର ଖୁବ ଶୀଘ୍ର ପର୍ଦ୍ଦାଫାଶ ହୋଇ ପାରିବ ବୋଲି ପିପିଲି ଏସ:ଡି:ପି:ଓ ଦେବାଶିଷ୍ ମିଶ୍ର ଆଶା ବ୍ୟକ୍ତ କରିଛନ୍ତି ।

## ଅବସର କାଳୀନ ପ୍ରାପ୍ୟ ପାଇବା ଉଦ୍ଦେଶ୍ୟରେ ଅନିର୍ଦ୍ଦିଷ୍ଟ କାଳ ପାଇ ଧାରଣା

କୁଚିଣ୍ଡା,୩।୧୨:(ମନ୍ଥନ)କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ମାନେ ତାଙ୍କର ଅବସର କାଳିନ ପ୍ରାପ୍ୟ ମିଳିନଥିବାରୁ ସେମାନେ ସେବାବଦ ରେ ରାଜ୍ୟ ପ୍ରସାଶନ, ଜିଲ୍ଲା ପ୍ରସାଶନ, ସ୍ଥାନୀୟ ପ୍ରସାଶନ ଓ ମୁଖ୍ୟମନ୍ତ୍ରୀ ଜନ ଶୁଣାଣି ଶିବିର ରେ



ଲିଖିତ ଅଭିଯୋଗ କରିଥିଲେ ଏବଂ ତା ସତ୍ୱେ ମଧ ଅବସର ନେବାଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘବର୍ଷ ବିତି ଯାଇଥିବା ସତ୍ତ୍ୱେ ତାଙ୍କୁ କୌଣସି ପ୍ରକାର ଆର୍ଥିକ ସହାୟତା ଯଥା ଗ୍ରାଚ୍ୟୁଇଟି,ଅନ ୟୁଟିଲାଇଜ ଲିଭ୍ ସହିତ ବକେୟା ଅର୍ଥ ମିଳିବାରେ ସ୍ଥାନୀୟ ପ୍ରଶାସନ ତତ୍ପର ହେଉନଥିବା ଦାବିପତ୍ରରେ ଉଲ୍ଲେଖ କରିଥିଲେ । ଏବଂ ସେହି କାରଣରୁ ତାଙ୍କ ପ୍ରାପ୍ୟ ଦୀର୍ଘ ବର୍ଷ ହେଲା ପାଇନଥିବା ଦାବିପତ୍ର ରେ ଉଲ୍ଲେଖ କରିଥିଲେ । ଏନେଇ ଆଜି ୩ ଡିସେମ୍ବର ଠାରୁ କୁଚିଣ୍ଡା ଏନ.ଏ.ସି. ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସାମୁହିକ ରିଲେ ଅନଶନ ଆରମ୍ଭ କରିଛନ୍ତି । ଏଥିରେ ଉପେନ୍ଦ୍ର କୁମାର,ଶିବ ଚନ୍ଦ୍ର ମାଝି,ମନ୍ମଥ ମିଶ୍ର,ସୁଜ୍ଞାତ ବେହେରା,ମାଧବ ତ୍ରିପାଠୀ,ଶରତ ଚନ୍ଦ୍ର ମୁହାନନ୍ଦିଆ, ସୁରେଶ ବାଘ, ସୁଜ୍ଞାନ ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

## ବୃତ୍ତି ପରୀକ୍ଷାରେ ସ୍ୱଚ୍ଛତା ରହୁ ନଥିବା ଅଭିଯୋଗ

ମାହାଙ୍ଗା, ୩।୧୨:(ମନ୍ଥନ)ମାହାଙ୍ଗା ବ୍ଲକରେ ପଞ୍ଚମ ଓ ତୃତୀୟ ବୃତ୍ତି ପରୀକ୍ଷାରେ ସ୍ୱଚ୍ଛତା ରହୁ ନଥିବା ଅଭିଯୋଗ ହେଉଛି । ଯେଉଁ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀମାନେ ପଞ୍ଚମ ଓ ତୃତୀୟ ମେଧାବୃତ୍ତି ପରୀକ୍ଷାରେ ଭାଗନେଉଛନ୍ତି,ସେହି ବିଦ୍ୟାଳୟଗୁଡିକର ଶିକ୍ଷକ/ଶିକ୍ଷୟିତ୍ରୀମାନେ ବୃତ୍ତିପରୀକ୍ଷାର ଖାତା ଦେଖୁଥିବାରୁ ନିଜ ବିଦ୍ୟାଳୟ ପ୍ରତି ଅହେତୁକ ଅନୁକମ୍ପା କରୁଥିବାଯୋଗୁ ବହୁ ମେଧାବି ଛାତ୍ରଛାତ୍ରୀ ବୃତ୍ତି ପାଇପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏଣୁ ଗୋଟିଏ ବ୍ଲକର ପରୀକ୍ଷା ଖାତା ଅନ୍ୟଏକ ବ୍ଲକରେ ମୂଲ୍ୟାଙ୍କନ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି ।ଅପରପକ୍ଷରେ ସରକାର ପ୍ରଦାନ କରୁଥିବା ବୃତ୍ତିର ପରିମାଣ ୧ହଜାର ଟଙ୍କାରୁ ୨ହଜାର ଟଙ୍କା ବଢ଼ାଇବା ପାଇଁ ବୁଦ୍ଧିଜିବୀ ମହଲରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ବଲାଙ୍ଗିର ପ୍ରାକ୍ ବଡଦିନ ପାଳନ

ବଲାଙ୍ଗିର,୩।୧୨:(ମନ୍ଥନ)ବଲାଙ୍ଗିର ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ପ୍ରାକ୍ ବଡଦିନ କାର୍ଯ୍ୟକ୍ରମ ମହାସମାରୋହରେ ପାଳନ କରାଯାଇଅଛି । ମିଶନ ସ୍କୁଲ ଖେଳ ପଡିଆର ସଭାପତି ଆଚାର୍ଯ୍ୟ ନିମୁଏଲ ନାଗଙ୍କ ପ୍ରାର୍ଥନା ପରେ ବିରାଟ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା । ପ୍ରେମ, ଶାନ୍ତି, ମୈତ୍ରୀ ଓ ସହଭାଗିତାର ବାର୍ତ୍ତା ନେଇ ସଂପାଦକ ସଚ୍ଚିଦାନନ୍ଦ ହନୁମାନ ଙ୍କ ସଂଯୋଜନାରେ ଏହି ଶୋଭାଯାତ୍ରା କଚେରୀ ଛକ, ଭାଗିରଥି ଛକ, ମହିଳା କଲେଜ ଛକ, ରାଜେନ୍ଦ୍ର କଲେଜ ଛକ ରାସ୍ତା ଦେଇ ସଭା ଶେଷରେ ମିଶନ କମ୍ପାଉଣ୍ଡ ସ୍ଥିତ ନିୟ ଲାଇଭ ଏସେମ୍ଲି ହଲ୍ ଠାରେ ସମାପନ ହୋଇଥିଲା । ଏହି ଶୋଭାଯାତ୍ରାରେ ଶିଶୁ ଓ ମହିଳାମାନେ ମଧ ସାମିଲ ହୋଇ ପ୍ଲା କାର୍ଡ ଓ ପ୍ରଜ୍ଞାପନ ମେଡ ଦେଇ ସହର ପରିକ୍ରମା କରିଥିଲେ । ଡିସେମ୍ବର ମାସକୁ ଖ୍ରୀଷ୍ଟିୟାନ ଲୋକମାନେ ପବିତ୍ର ମାସ ରୂପେ ପାଳନ କରି ମାସ ସାରା ବିଭିନ୍ନ କାର୍ଯ୍ୟକ୍ରମ କରି ଡିସେମ୍ବର ୨୫କୁ ପବିତ୍ର ଭାବରେ ପାଳନ କରିଥାନ୍ତି । ୟୁ ଲାଇଫ୍ ଅସେମ୍ଲି ହଲ୍ ସମାପନ ଉତ୍ସବରେ ସଚ୍ଚିଦାନନ୍ଦ ହନୁମାନ ସଂଯୋଜନାରେ ସମ୍ବଲପୁର ଧର୍ମାଂଚଳର ବିଷପ୍ ଇମାନୁଏଲ ଦାନି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରାକ୍ ବଡଦିନର ମହତ୍ୟ ଉପରେ ଆଲୋକପାତ କରିଥିଲେ । ଆଚାର୍ଯ୍ୟ ସୁଶାନ୍ତ କୁମାର ଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କୋଷାଧକ୍ଷ ମହେନ୍ଦ୍ର କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଶରତ ବଲ୍ଲଭ ବାଗ, ସୁନିଲ କୁମାର ନନ୍ଦ, ବୁଦ୍ଧଦେବ ଛତ୍ରିଆ, ରିଜୁ ଦିପ, ଗୌରବ ତାଣ୍ଡି, ଶେଖର ପାଉଲ, ପ୍ରେମ ରାଉଲ, ଇମାନୁଏଲ ନନ୍ଦ, ପୂର୍ଣ୍ଣମୁର୍ତ୍ତି ଖ୍ରୀଷ୍ଟଦାସ, ମାନୁଏଲ ବାରିକ, ଶୈଳେଶ ପାଲ, ସଜ୍ଜୁ ନାଗ, ସ୍ମୃତିରାଜ କର, ସରୋଜ ନାଗ, ସରୋଜ ଛତ୍ରିଆ, ଇସମାଇଲ ହନୁମାନ, ଜ୍ୟୋତିରାଜ ନାଗ, ସନ୍ଦିପ ବାରିକ, ଆଦାମ ଇସମାଇଲ, ଶୁଭମ ତାଣ୍ଡି, ନରେଶ ମାଥ୍ୟୁସ, ଆଦାମ ଇସମାଇଲ, ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ଙ୍କ ସହିତ ଶତାଧିକ ମହିଳା ଓ ଖ୍ରୀଷ୍ଟିୟାନ ସମାଜର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

## ସରିଲାଣି ଲିଜ୍, ଚାଲିଛି ଅବାଧ ବାଲି ଚାଲାଣ

ବଲାଙ୍ଗୀର,୩।୧୨:(ମନ୍ଥନ) ଜିଲ୍ଲାର ଲୋଇସିଂହା ଓ ଆଗଲପୁର ବ୍ଲକରେ ଅବାଧ ବାଲି ଚାଲାଣ ହେଉଛି । ସ୍ଥାନୀୟ ଅଙ୍ଗ ଓ ସୁକତେଲ ନଦୀର ବିଭିନ୍ନ ବାଲିଘାଟରେ ଲିଜ ସମୟ ସରିଯିବା ପରେ ଏପରିକି ଆଦୌ ଲିଜ ନ ଥାଇ ମଧ ବାଲି ମାଫିଆ । ମାନେ ବାଲି ଉଠାଉଛନ୍ତି । ଏହାକୁ ରୋକିବାକୁ ଅଥବା ବାଲି ଚାଲାଣରେ ନିୟୋଜିତ ହାଇୱା ଗୁଡ଼ିକର କାଗଜାତ ତନଖି କରିବାକୁ କେହି ନାହାନ୍ତି । ଏପରିକି ପଡୋଶୀ ବରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାକୁ ମଧ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳିଛି । ଖଣି ବିଭାଗ ନିକଟରେ ଏ ନେଇ ଖବର ଥିଲେ ମଧ ବାଲି ମାଫିଆ । ଓ ଖଣି ଅଧିକାରୀଙ୍କ ମଧରେ ରହିଥିବା ମଧୁର ସମ୍ପର୍କ ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଆଗଲପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ମନମୋହନ ପଟେଲ ଅଭିଯୋଗ କରିଛନ୍ତି । ଆଗଲପୁର ବ୍ଲକ ଅଙ୍ଗ ନଦୀର ଫାସଡ ବାଲିଘାଟରୁ ବାଲି ଉଠାଣ ପାଇଁ ଲିଜଧାରୀଙ୍କୁ ଅନୁମତି ଦିଆଯାଇ ଥିଲେ ହେଁ ପ୍ରକୃତରେ ଡୁଡୁକାରୁ ବେଆଇନ ଭାବେ ବାଲି ଉଠା ଯାଉଛି । ଦିନବେଳା ମେସିନ ଲଗାଇ ବାଲି ଖନନ ହେବା ପରେ ହାଇୱାରେ ଅନ୍ୟତ୍ର ଚାଲାଣ ହେଉଛି । ମୁଖ୍ୟ ରାସ୍ତାକଡ଼ରୁ ବାଲି ଉଠୁଥିଲେ ମଧ ପ୍ରଶାସନର ଏଥିପ୍ରତି ନିଘା ନାହିଁ । ଏପରିକି କେତେକ ବାଲିଘାଟର ଲିଜ ଅବଧି ଶେଷ ହୋଇଥିବା ବେଳେ ଲିଜ ନବୀକରଣ ନ ହୋଇ ମଧ ସେଠାରୁ ବାଲି ଚାଲାଣ ହେଉଛି । ଖଣି ବିଭାଗର କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ବାଲି ମାଫିଆଙ୍କ ଅସାଧୁ ମେଣ୍ଟ ବାଲି ଚୋରା ଚାଲାଣରେ ଲିପ୍ତ ଥିବା ଅଭିଯୋଗ ହେଉଛି । ଫାସଡ ବାଲିଘାଟ ନିକଟରେ ବେଆଇନ ଭାବେ ହଜାର ହଜାର ଟ୍ରିପ ବାଲି ଗଚ୍ଛିତ ଥିବାବେଳେ ଖଣି ବିଭାଗ ପକ୍ଷରୁ ଗତ ଅଗଷ୍ଟ ୧୧ ତାରିଖରେ ସେଠାରେ ଚଢ଼ାଉ କରାଯାଇଥିଲା । ଏଥିସହିତ ଲିଜଧାରୀଙ୍କୁ ୧୫ ଲକ୍ଷ ୭୯ ହଜାର ୧୧୭ ଟଙ୍କା ଜରିମାନା ପକା ଯାଇଥିଲା । ତେବେ ଲିଜଧାରୀ ମାତ୍ର ୨ ଲକ୍ଷ ଟଙ୍କା ଜରିମାନା ଅର୍ଥ ପୈଠ କରିବା ସହିତ ବଳକା ଅର୍ଥ ଦେବାକୁ ନିଜର ଅସାମର୍ଥ୍ୟ ପ୍ରକାଶ କରିଥିବା ଜିଲ୍ଲା ଖଣି ବିଭାଗ ସୂତ୍ରରୁ ସୂଚନା ମିଳିଛି । ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ମତେ, ଚଳିତ ବର୍ଷ ଫାସଡ ବାଲିଘାଟରୁ ପ୍ରାୟ ୩୦ ହଜାରରୁ ଅଧିକ ଟ୍ରିପ୍ ବାଲି ଉଠାଣ ହୋଇସାରିଛି । ଏପରି ସ୍ଥଳେ ଲିଜଧାରୀଙ୍କ ଆର୍ଥିକ ସ୍ୱଚ୍ଛଳତା ଥାଇ ସୁଦ୍ଧା ଜରିମାନା ଅର୍ଥ ଫାଙ୍କିବା ଉଦ୍ଦେଶ୍ୟରେ ଖଣି ଅଧିକାରୀଙ୍କ ପରାମର୍ଶ କ୍ରମେ ବଳକା ଅର୍ଥ ପୈଠ କରିବା ପାଇଁ ସଂପୃକ୍ତ ଲିଜଧାରି ନିଜର ଅସାମର୍ଥ୍ୟ ପ୍ରକାଶ କରିଥିବା ସାଧାରଣରେ ଆଲୋଚନା ହେଉଛି । ଖଣି ବିଭାଗ ପକ୍ଷରୁ ସଂପୃକ୍ତ ଲିଜଧାରୀଙ୍କ ଲିଜ ବାତିଲ କରା ନ ଯାଇ ଧର୍ମକୁ ଆଖିଠାର ସଦୃଶ ନାମକୁ କେସ କରାଯାଇଥିବା ଜଣାଯାଇଛି ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ମୋରଡ଼ା,୩।୧୨:(ମନ୍ଥନ)ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର.ବି.ଏସ.କେ) ତରଫରୁ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି) ଅନୁକୂଲ୍ୟରେ ଆଦ୍ୟ ତା ୦୩/୧୨/୨୦୨୫ ରିଖ ବୁଧବାର ଦିନ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ସମାରୋହରେ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧିକ୍ଷକ ଡ଼ାକ୍ତର ଶଶିକାନ୍ତ ସେଠୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼ାକ୍ତର ସୁନନ୍ଦା ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭି.ବି.ଡି) ଡ଼ାକ୍ତର ବିଜୟ କୁମାର ଦାଶ, ଡି. ଇ. ଆଇ. ସି. ର ଶିଶୁ ରୋଗ ବିଶେଷଜ୍ଞ ଡ଼ାକ୍ତର ପ୍ରଦିପ୍ କୁମାର ମହାପାତ୍ର ପ୍ରଭୃତି ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ଅବହେଳିତ ନକରି ସେମାନଙ୍କୁ ଆବଶ୍ୟକୀୟ ସେବା, ସ୍ନେହ, ଆଦର କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଭିନ୍ନକ୍ଷମ ମାନେ ଉପଯୁକ୍ତ ସୁବିଧା ସୁଯୋଗ ପାଇଲେ ଅଲମ୍ପିକ ଭଳି ଆନ୍ତର୍ଜାତୀୟ ସ୍ତରରେ ଖେଳି ଜିଲ୍ଲା ତଥା ଦେଶର ଗୌରବ ବଢ଼ିପାରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳ ହୋଇ ପାରିବ ବୋଲି ମତ ଦେଇଥିଲେ । ଆହୁରି ମଧ କହିଥିଲେ ଯେ, ଭିନ୍ନକ୍ଷମ ମାନଙ୍କ ମଧରେ ଲୁଚି ରହିଥିବା ପ୍ରତିଭାକୁ ବିକଶିତ କରି ଭବିଷ୍ୟତରେ ସେମାନେ ଜଣେ ଜଣେ ଭଲ ମଣିଷରେ ପରିଣତ ହୋଇ ଏକ ସୁସ୍ଥ ସମାଜ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ତେଣୁ ଭିନ୍ନକ୍ଷମ ମାନଙ୍କୁ ଉପେକ୍ଷା ନକରି ସେମାନଙ୍କ ପ୍ରତି ସହାନୁଭୂତି, ସ୍ନେହ , ଶ୍ରଦ୍ଧା ଏବଂ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଆର. ବି. ଏସ. କେ ମ୍ୟାନେଜର ଶ୍ରୀ ବିଜନ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପାଳିଲେ ଭିନ୍ନକ୍ଷମ ଦିବସ

୩।୧୨:(ମନ୍ଥନ)ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଧାମନଗର ସ୍ଥିତ ଶ୍ରଦ୍ଧାଳୟଠାରେ ଭିନ୍ନ କ୍ଷମ ଦିବସ ପାଳନ କରିଛନ୍ତି । ଏହି ଦିବସରେ ଦିବ୍ୟାଙ୍ଗ ମାନଙ୍କ ନିମିତ୍ତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ



ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଦିବ୍ୟାଙ୍ଗ ମାନଙ୍କୁ ଉତ୍ସାହିତ ଉଦ୍ଦେଶ୍ୟରେ କହିଥିଲେ ଯେ ଦିବ୍ୟାଙ୍ଗ ମାନଙ୍କୁ ସବୁ ପ୍ରକାର ସୁବିଧା ସାମାଜିକ, ଅର୍ଥନୈତିକ, ରାଜନୈତକ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ତଥା ସମାଜର ସାମାଜିକ ମୁଖ୍ୟ ସ୍ରୋତରେ ସେମାନେ ଜଣେ ଜଣେ ଯୋଦ୍ଧା, ତେଣୁ ସେମାନଙ୍କ ପ୍ରତି ପ୍ରତ୍ୟେକ ନାଗରିକଙ୍କର ସାହାଯ୍ୟ ତଥା ସହାନୁଭୁତି ରଖିବା ଆବଶ୍ୟକ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଖଗେଶ୍ୱର ସେଠୀ ଓ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ସୁବାଶ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ ।

## ଗୀତାର ବାଣୀ ମାନବ ଜୀବନକୁ ସାର୍ଥକ କରେ

ବାରିପଦା,୩।୧୨:(ମନ୍ଥନ)ମୟୂରଭଞ୍ଜର ଆଧାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ଏକ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ସଭା କକ୍ଷରେ ମହାବିଦ୍ୟାଳୟର ଅଧକ୍ଷା ମୀନାକ୍ଷୀ ମହାନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷା ଶ୍ରୀମତୀ ମହାନ୍ତ ସ୍ୱାଗତ ଭାଷଣ ଦେଇ ଛାତ୍ରୀମାନଙ୍କର ଆଧାତ୍ମିକ ଚେତନାର ଅଭିବୃଦ୍ଧି ପାଇଁ ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀ ସହାୟକ ବୋଲ ମତ ପ୍ରଦାନ କରିଥିଲେ । ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ବିଶିଷ୍ଟ ଗୀତା ପ୍ରବଚକ ଭାଗବତ ପଣ୍ଡା ମୁଖ୍ୟ ଆଲୋଚକଭାବେ ଯୋଗ ଦେଇ ଶ୍ରୀମଦ୍‌ଭଗବଦ୍ ଗୀତାର ପଠନ ଓ ଶ୍ରବଣ ଦ୍ୱାରା ସାଧାରଣ ମଣିଷ ଅତି ମାନୁଷୀଶକ୍ତିର ଅଧିକାରୀ ହେବା ସହିତ ତା’ ଜୀବନରେ ମୁକ୍ତି ଲାଭ କରିବାର ସୁଗମ ପନ୍ଥା ସବୁ ବିଭିନ୍ନ ଉଦାହରଣ ମାଧମରେ ଦର୍ଶାଇ ଗୀତାର ମାର୍ଗ




ଅନୁସରଣକର ଛାତ୍ରୀମାନେ ଭବିଷ୍ୟତରେ ଉତ୍ତମ ଗୃହିଣୀ ହୋଇ ନିଜ ଘରକୁ ବୈକୁଣ୍ଠ କରିପାରିବେ ବୋଲି ବକ୍ତବ୍ୟରେ କହିଥିଲେ । ଅନୁଷ୍ଠାନର ଅଧକ୍ଷ ଡା. ପାର୍ଥ ସାରଥୀ ଜେନା ତାଙ୍କ ଅଭିଭାଷଣରେ ଗୀତାର ଗୂଢ ତତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଜାତି, ଧର୍ମ, ବର୍ଣ୍ଣ , ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଗୀତାପାଠ କରିବାକୁ ଆହ୍ୱାନ ଦେବା ସହିତ ଏକମାତ୍ର ଶରଣାଗତି ହିଁ ଭଗବାନଙ୍କୁ ପ୍ରାପ୍ତ କରିବାର ଶ୍ରେଷ୍ଠ ଉପାୟ ବୋଲି ମତ ରଖିଥିଲେ ।ଓଡ଼ିଆ ବିଭାଗର ଅଧାପକ ଦୀପକ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ଅଧାପିକା ଐଶ୍ୱର୍ଯ୍ୟା ବଡପଣ୍ଡା, ଅଧାପକ ଶିବନାରାୟଣ ମିଶ୍ର ଓ କାର୍ତ୍ତିକେଶ୍ୱର ନାୟକ ପ୍ରମୁଖ ସ୍ୱକୀୟ ମତ ଉପସ୍ଥାପନ କରିଥିଲେ । ପରିଶେଷରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା

## ରାଜନେତା ଶିବ ବିଶ୍ୱାଳଙ୍କ ବିୟୋଗ

କେନ୍ଦ୍ରାପଡ଼ା,୩।୧୨:(ମନ୍ଥନ)କେନ୍ଦ୍ରାପଡ଼ା ବ୍ଲକର ବିଜେଡି ନେତା ଶିବ ପ୍ରସାଦ ବିଶ୍ୱାଳଙ୍କ ୭୬ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ବିୟୋଗ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ଧର୍ମ ପତ୍ନୀ, ଦୁଇ ପୁଅ ଓ ଦୁଇ ଝିଅଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ । କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଖବର ପାଇ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମର ଶରୀରକୁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚକ୍ରୋଡ଼ା ଗ୍ରାମପଞ୍ଚାୟତର ମାଗୁରାଗଣ୍ଡପାଟଣାସ୍ଥିତ ବାସଭବନକୁ ଆଜି ସକାଳେ ଅଣାଯାଇଥିଲା । ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ସମାଜସେବୀ ରଞ୍ଜିତ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ବିଜେଡି ଯୁବ ନେତା ରାଜେଶ ପଣ୍ଡା, ଜମଧର ସମବାୟ ସମିତି ସଭାପତି ଧରଣୀଧର ଦାସ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ ସାହୁ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ରାଉତ, ପୀତବାସ ବେହେରା, ସାରଦା ପ୍ରସାଦ ରାଉତ, ପୂର୍ବତନ କାଉନସିଲର ହିରଣ୍ୟ ପଣ୍ଡା, ସୌମେନ୍ଦ୍ର ପୃଷ୍ଟି, ହିବଜୁର ରହେମାନ, ମୁକ୍ତାର ଖାନ୍, ସମ୍ବିତ ଶ୍ରୀଚନ୍ଦନ, ଶାରଦା ପ୍ରସନ୍ନ ରାଉତ, ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ପରିଡ଼ା, ପ୍ରତାପ ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ବିଶ୍ୱାଳ ଚକ୍ରୋଡ଼ା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ, ଜମଧର ପ୍ରାଥମିକ କୃଷି ସମବାୟ ସମିତିର ପ୍ରାକ୍ତନ ସଭାପତି, ଭରତପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ପ୍ରାକ୍ତନ ସଭାପତି ଓ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ତତ୍‌କାଳୀନ ପ୍ରତିନିଧି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ସେ ପୂର୍ବରୁ ଦୀର୍ଘ ବର୍ଷ ଧରି ଜାତୀୟ କଂଗ୍ରେସ ଦଳର ବିଭିନ୍ନ ପଦପଦବୀରେ ରହି ସୂଚାରୁ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଥିଲେ । ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ଓ ସାମାଜିକ କାର୍ଯ୍ୟରେ ସ୍ୱର୍ଗତ ବିଶ୍ୱାଳ ନିୟୋଜିତ ଥିଲେ । ତାଙ୍କ ମରଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ନିଆଯାଇ ଭରତପୁର, ଚକ୍ରୋଡ଼ା, ଭାଗବତପୁର ଓ ଜମଧର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଶୋଭାଯାତ୍ରାରେ ଏକହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ,ନେତୃତ୍ୱ ଓ ଜନସାଧାରଣ ଉପସ୍ଥିତ ଥିଲେ ।

## କୁଚିଣ୍ଡା ତେଲିତିଲେଇମାଲ ରେ ଜାତୀୟ ସେବା ଯୋଜନା ଶିବିର

କୁଚିଣ୍ଡା,୩।୧୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତେଲି ତିଲେଇମାଲ ସ୍କୁଲରେ କୁଚିଣ୍ଡା କଲେଜ ଯୁକ୍ତ ଦୁଇ ବିଭାଗର ୫୦ ଜଣ ଜାତୀୟ



ସେବା ଯୋଜନା ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ସାତ ଦିନିଆ । ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୨୮ ନଭେମ୍ବରରେ ଆରମ୍ଭ ହୋଇଥିଲା ଏବଂ ୪ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଜାରି ରହିବ । ଶିବିରର ୫ମ ଦିନରେ, ସ୍ୱେଚ୍ଛାସେବୀ ମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଗାଁରେ ଏକ ସଭା ଆୟୋଜନ କରିଥିଲେ । ଏହି ଅବସରରେ କୁଚିଣ୍ଡା ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଦିବ୍ୟ ରାଜ କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରମୋଦ କିଷାନ,ୱାର୍ଡ ସଦସ୍ୟ ଧନମତି ରୋହିଦାସ,ସିଆରପି ସତ୍ୟବତୀ ହାତୀ ପ୍ରମୁଖ ଯୋଗଦେଇଥିଲେ । ଅତିଥି ମାନେ ଗ୍ରାମବାସୀ ଏବଂ ସ୍ୱେଚ୍ଛାସେବୀ ମାନଙ୍କୁ ସଠିକ ମାର୍ଗଦର୍ଶନ, ଅର୍ଥପୂର୍ଣ୍ଣ ଏବଂ ପ୍ରେରଣାଦାୟକ କରିଥିଲା । ସ୍ୱେଚ୍ଛାସେବୀ ମାନେ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଶିକ୍ଷା ଜନିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ କୁ ଖୁର୍ସିଦଆରା ବେଗମ ସଂଯୋଜନା କରିଥିବାବେଳେ,ଚନ୍ଦନ ପ୍ରଧାନ ଏବଂ ପ୍ରିୟାଂଶୀ ପରିଚାଳନା କରିଥିଲେ । ଶେଷରେ କୁଚିଣ୍ଡା କଲେଜର ମୁଖ୍ୟ କୀରାଣି ଏବଂ ସ୍ଥାନୀୟ ବାସିନ୍ଦା ବିରଞ୍ଚି ଦେହୁରୀ ଗୀତ ପରିବେଷଣ କରି ସଭା ସାଙ୍ଗ କରିଥିଲେ ।

## ମଣ୍ଡଳ ସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଡେଲାଙ୍ଗ, ୩।୧୨:(ମନ୍ଥନ)ଜିଲ୍ଲା ସମଗ୍ର ଶିକ୍ଷା ଅନୁକୂଲ୍ୟରେ ରେଂଚ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଦିବ୍ୟାଙ୍ଗ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କ ଅଧତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ଶିକ୍ଷକ ଅଭୟଚରଣ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦିବ୍ୟାଙ୍ଗ ମାନଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ହେବା ପାଇଁ ପ୍ରତ୍ୟେକଙ୍କ ସକାରାତ୍ମକ ଦୃଷ୍ଟି ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୫୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧରେ ଚିତ୍ରାଙ୍କନ, ସଂଗୀତ ଚୌକି , ଆଳୁଚମଚ ଦୌଡ, ସଂଗୀତ, ଲକ୍ଷଭେଦ ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ବୈଦେହୀ ପାଣି, ସ୍ୱପ୍ନାରାଣୀ ପାଟଯୋଶୀ, ତିଳୋତମା ସୁନ୍ଦରାୟ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ସେହିପରି ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ସ୍ତରକୁ ମନୋନିତ କରାଯାଇଥିବା ଜଣାପଡିଛି । ଶିକ୍ଷାସ୍ୱେଚ୍ଛାସେବୀ ରାସବିହାରୀ ପ୍ରଧାନ, ଶ୍ରୀଧର ପ୍ରଧାନ,କବିଚନ୍ଦ୍ର ପରିଡା, ରତ୍ନାକର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


## ପରିବା ଚାଷରୁ କୋଟିପତି

ବଲାଙ୍ଗୀର,୩।୧୨:(ମନ୍ଥନ)ଶ୍ରମିକ ଅଭାବ ତଥା କମ୍ ଲାଭ ଯୋଗୁଁ ଚାଷକାମରୁ ଅନେକ ଚାଷୀ ମୁହଁ ଫେରାଇ ନେଉଥିବା ବେଳେ ପନିପରିବା ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ବଡଟିକା ଗାଁ ର ଜଣେ ଚାଷୀ । ପ୍ରାୟ ୮୦ ଏକର ଜମିରେ ପରିବା ଚାଷ ସମେତ ଗେଣ୍ଡୁ ଫୁଲ ଓ ପିଜୁଳି ଚାଷ କରି ଦିନକୁ ଲକ୍ଷେ ଟଙ୍କା ରୋଜଗାର କରୁଛନ୍ତି । କେବଳ ସେତିକି ନୁହେଁ, ସ୍ଥାନୀୟ ଅଂଚଳର ଶତାଧିକ ପୁରୁଷ ଓ ମହିଳାଙ୍କୁ ଚାଷକାମରେ ନିୟୋଜିତ କରି ରୋଜଗାର ଯୋଗାଇ ଦେଇ ପାରିଛନ୍ତି ।



ବଡ଼ଟିକା ଗ୍ରାମର ଚାଷୀ ସଞ୍ଜୟ ପଧାନ(୫୧) । ପୂର୍ବରୁ ଲୋଇସିଂହା ବ୍ଲକର ଗଡଶଙ୍କର ଡୁଙ୍ଗୁରିପାଲି ରେ ରହୁଥିଲେ । ଲୋଅର ସୁକତେଲ ଜଳସେଚନ ପ୍ରକଳ୍ପରେ ଏହି ଗ୍ରାମଟି ଜଳମଗ୍ନ ହେବା ପରେ ପ୍ରାୟ ଅଢେଇ ବର୍ଷ ହେଲା ସେ ବଡଟିକା ଗାଁରେ ରହି ଆସୁଛନ୍ତି । ଏଠାରେ ସେ ୫୦ ଏକର ଜମି କିଣିବା ସହିତ ୫୦ ଏକର ଜମି ୨୦ ବର୍ଷୀଆ । ଲିଜରେ ନେଇଛନ୍ତି । ଧାନ ଅପେକ୍ଷା ପନିପରିବା ଚାଷରେ ଅଧିକ ଲାଭହେଉଥିବାରୁ ସେ ଟମାଟୋ, ବାଇଗଣ, କାକୁଡି, ଲାଉ, କଖାରୁ ଓ ଗେଣ୍ଡୁଫୁଲ ଚାଷ ସମେତ ପ୍ରାୟ ୧୫ ଏକର ଜମିରେ ପିଜୁଳି ଚାଷ କରିଛନ୍ତି । ଦୈନିକ ୨ ଟ୍ରକ୍ ପରିବା ଜିଲ୍ଲା ବାହାରକୁ ସେ ରପ୍ତାନୀ କରୁଛନ୍ତି । ଏଥିସହିତ ସଞ୍ଜୟଙ୍କ ଚାଷଜମିରେ ଲୋଇସିଂହା ଓ ଆଗଲପୁର ଅଞ୍ଚଳର ପ୍ରାୟ ଶହେ ଜଣ ଯୁବକ ଓ ଯୁବତୀ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି । ଆଗାମୀ ଦିନରେ ଛତୁଚାଷ ଓ କୁକୁଡ଼ା ଫାର୍ମ କରି ଅଞ୍ଚଳର ଶତାଧିକ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଥିବା ସଞ୍ଜୟ କହିଛନ୍ତି । ବର୍ଷସାରା ପନିପରିବାର ଚାହିଦା ରହୁଥିବାରୁ ସେ ଦିନକୁ ପ୍ରାୟ ଲକ୍ଷେ ଟଙ୍କାରୁ ଅଧିକ ରୋଜଗାର କରୁଥିବା ପ୍ରକାଶ କରିଛନ୍ତି । ଚାଷକାମରେ ତାଙ୍କ ପୁଅ ତାଙ୍କୁ ସହଯୋଗ କରୁଥିବା ବେଳେ ସୁପରିଚାଳନା ପାଇଁ ଜଣେ ମ୍ୟାନେଜର ନିଯୁକ୍ତି ଦେଇଥିବା ସେ କହିଛନ୍ତି । ସ୍ଥାନୀୟ ବିହନ ବଦଳରେ ରାୟପୁରର ଏକ ନର୍ସରୀରୁ ଉନ୍ନତ ମାନର ଚାରା ଆଣି ଚାଷ କରୁଥିବାରୁ ଅଧିକ ଲାଭବାନ ହୋଇ ପାରୁଥିବା ସେ ପ୍ରକାଶ କରିଛନ୍ତି । ଜଳସେଚନ ପାଇଁ ସଞ୍ଜୟ ନିଜ ଜମିରେ ପୋଖରୀ ଓ ଗଭୀର ନଳକୂପ ଖୋଲି ବୁନ୍ଦା ଜଳସେଚନ ବ୍ୟବସ୍ଥା କରିଛନ୍ତି । ଫଳରେ ପାଣିର ଅନାବଶ୍ୟକ ଅପଚୟ ହେଉନାହିଁ । ନୂତନ ଜ୍ଞାନ କୌଶଳରେ ଚାରା ଉତ୍ପାଦନ ତଥା ଜଳସେଚନ ବ୍ୟବସ୍ଥାହୋଇଥିବାରୁ ବେଶ ସହଜରେ ଚାଷକାମ ହୋଇ ପାରୁଥିବା ସେ ପ୍ରକାଶ କରିଛନ୍ତି । ଜିଲ୍ଲାର ଜଣେ ସଫଳ ଚାଷୀ ଭାବେ ସଞ୍ଜୟ ଉପ ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମଧ ପୁରସ୍କୃତ ହୋଇ ସାରିଛନ୍ତି । ତେବେ କୃଷି ବିଭାଗ ତରଫରୁ ଅଦ୍ୟାବଧି କୌଣସି ପ୍ରୋତ୍ସାହନ ମିଳିପାରି ନଥିବାରୁ ସଞ୍ଜୟ କ୍ଷୋଭ ପ୍ରକାଶ କରିଛନ୍ତି । ସରକାରୀ ସ୍ତରରେ ଆବଶ୍ୟକ ପ୍ରୋତ୍ସାହନ ମିଳିଲେ ଚାଷରେ ଅଧିକ ସଫଳତା ମିଳିବା ସହିତ ସ୍ଥାନୀୟ ଯୁବକ ଯୁବତୀଙ୍କୁ ଅଧିକ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରନ୍ତା ବୋଲି ସେ ପ୍ରକାଶ କରିଛନ୍ତି ।

ଗୁରୁବାର ୪ ଡିସେମ୍ବର, ୨୦୨୫ ଭୁବନେଶ୍ୱର
THURSDAY 4 DECEMBER, 2025, BHUBANESWAR



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ବିଚାର ପ୍ରକ୍ରୀୟାରେ ମନ୍ଥରତା

୬ମାସ ମଧ୍ୟରେ ଜଘନ୍ୟ ଅପରାଧ ତଥା ହତ୍ୟା, ଦୁଷ୍କର୍ମ ଆତଙ୍କବାଦ, ମାଓହିଂସା, ଭିଡ ହତ୍ୟା, ଏସିଡଫିଙ୍ଗା ମାମଲାଗୁଡିକର ବିଚାର ଶେଷ କରିବା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ବୋଲି କୁହାଯାଇପାରିବ। କଥାରେ ଅଛି ‘ବିଳମ୍ବିତ ନ୍ୟାୟ -ବିଡମ୍ବିତ ନ୍ୟାୟ’। ଅର୍ଥାତ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ। ଭାରତରେ ବିଚାର ପ୍ରକ୍ରୀୟାରେ ମନ୍ଥରତା ଗୋପନୀୟ ନୁହେଁ। ବିଚାର ପ୍ରକ୍ରୀୟାରେ ଏବେ ବିଳମ୍ବ ଘଟୁଛି, ବିଚାରାଧୀନ ବନ୍ଦୀଙ୍କ ଜାମିନ ଆଶା ବର୍ଷ ବର୍ଷ ଗଡିଯାଉଛି। କେବଳ ଏତିକି ନୁହେଁ, ବହୁ ମାମଲାରେ ଜୀବଦଶାରେ ନ୍ୟାୟ ଆଶାୟୀଙ୍କୁ ନ୍ୟାୟ ମିଳୁନଥିବା ବହୁ ଉଦାହରଣ ରହିଛି। ଏହାର କାରଣ ସମସ୍ତଙ୍କୁ ଭଲ ଭାବେ ଜଣା। ବିଚାରପତି ଅଭାବ ଏବଂ ଓକିଲଙ୍କ ଅର୍ଥ ଲୋଭ ବୋଲି କୁହାଯାଇପାରିବ। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ଜୁଲାଇ ମାସ ସୁଦ୍ଧା ଦେଶର ହାଇକୋର୍ଟ ଗୁଡିକରେ ୩୩ପ୍ରତିଶତ ଅର୍ଥାତ ଏକ ତୃତୀୟାଂଶ ବିଚାରପତି ପଦବୀ ଖାଲି ପଡିଥିଲା। ଜିଲ୍ଲା ଏବଂ ନିମ୍ନ ଅଦାଲତ ଗୁଡିକରେ ୫୬ହଜାରରୁ ଉର୍ଦ୍ଧ୍ୱ ବିଚାରପତି ପଦବୀ ଖାଲି ପଡିଥିବା କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଏହି ଜଘନ୍ୟ ଅପରାଧଗୁଡିକ ଦେଶ ବିରୋଧି ବୋଲି ସୁପ୍ରିମକୋର୍ଟ ଦର୍ଶାଇବା ସହ ୬ମାସ ମଧ୍ୟରେ ମାମଲାଗୁଡିକର ଫଇସଲା ପାଇଁ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ଲାଗି ମାସକ ମଧ୍ୟରେ ବିସ୍ତୃତ କ୍ରିୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। କହିବା ବାହୁଲ୍ୟ ଯେ, ଆତଙ୍କବାଦ ପରି ଜଘନ୍ୟ ଦେଶବିରୋଧି ମାମଲାଗୁଡିକରେ ଦ୍ରୁତ ବିଚାର ପାଇଁ ଆମ ଦେଶରେ ସ୍ୱତନ୍ତ୍ର ଏନଆଇଏ ଅଦାଲତ ରହିଛି। ଆତଙ୍କବାଦ ତଥା ଏନଆଇଏ(ଜାତୀୟ ତଦନ୍ତକାରୀ ସଂସ୍ଥା)ର ମାମଲାଗୁଡିକର ଦ୍ରୁତ ବିଚାର ପାଇଁ ଦେଶରେ ୫୦ଟି ସ୍ୱତନ୍ତ୍ର ଅଦାଲତ ଥିବାବେଳେ ଏଥିମଧ୍ୟରୁ ୩ଟି ଅଦାଲତ କେବଳ ଏନଆଇଏ ମାମଲାଗୁଡିକର ବିଚାର କରୁଥିବା ନେଇ ଗତ ସେପ୍ଟେମ୍ବର ମାସରେ ସରକାରଙ୍କର କରିଥିବା ସ୍ୱୀକାରୋକ୍ତିରୁ ଜଣାଯାଏ। ଅର୍ଥାତ ଅବଶିଷ୍ଟ ଡେଜିଂନେଟେଡ ଏନଆଇଏ ଅଦାଲତଗୁଡିକରେ ଉଭୟ ହାଇପ୍ରୋଫାଇଲ ଆତଙ୍କବାଦ ଏବଂ ସାଧାରଣ ଅପରାଧ ମାମଲାଗୁଡିକର ଶୁଣାଣୀ ହୋଇଥାଏ। ଯାହାର ପରିଣତି ସ୍ୱରୂପ ମାମଲାଗୁଡିକର ଫଇସଲା ବର୍ଷ ବର୍ଷ ଧରି ଲାଗିଯାଉଛି। ଅନ୍ୟପକ୍ଷରେ ବିଚାରାଧୀନ ମାମଲାଗୁଡିକ ଜାମିନ ଆଶାୟୀ ଜେଲ ମଧ୍ୟରେ ସଢିବା ସାର ହେଉଛି। ଉଦାହରଣ ସ୍ୱରୂପ ଜାମ୍ମୁ-କାଶ୍ମୀରର ବାରମୂଳା ସାଂସଦ ଅବଦୁଲ ରସିଦ୍ ଶେଖ୍ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ଅଭିଯୋଗରେ ଏବେ ବର୍ଷ ବର୍ଷ ଧରି ଜେଲରେ ଅଛନ୍ତି। ଜେଲରେ ଥାଇ ନିର୍ବାଚନରେ ସେ ଜିତିଥିବାବେଳେ ସାଂସଦ ଅଧିବେଶନରେ ଯୋଗଦେବା ପାଇଁ ପ୍ରତିଥର ଆବେଦନ କରିଆସୁଛନ୍ତି। ଗତ ଜୁଲାଇରେ ସୁପ୍ରିମକୋର୍ଟ ସତର୍କ କରାଇ ଦେଇଛନ୍ତି ଯେ, ଯଦି ମାମଲାର ଶୁଣାଣୀ ଦୀର୍ଘ କାଳ ଲାଗି ରହେ, ତେବେ ବିଚାରାଧୀନମାନଙ୍କୁ ଖଲାସ କରିବାକୁ ଅଦାଲତ ବାଧ୍ୟ ହେବେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଏନଆଇଏ ଅଦାଲତ ଗୁଡିକରେ କର୍ମଚାରୀ ଅଭାବ। କହିବା ବାହୁଲ୍ୟ ଯେ, ଏନଆଇଏ ଅଦାଲତଗୁଡିକରେ ୧୯୦୧ ମଂଜୁରୀ ପ୍ରାପ୍ତ ପଦବୀ ଥିବାବେଳେ ଗତ ଜୁନ ମାସ ସୁଦ୍ଧା ୫୪୧ ଅର୍ଥାତ ୨୮ ପ୍ରତିଶତ ପଦବୀ ଖାଲିପଡିଥିଲା। କେବଳ ଏନଆଇଏ ନୁହେଁ, ସାଂସଦ ଓ ବିଧାୟକମାନଙ୍କ ଅପରାଧିକ ମାମଲାର ଦ୍ରୁତ ଶୁଣାଣୀ ପାଇଁ ଦେଶରେ ୧୨ଟି ସ୍ୱତନ୍ତ୍ର ଅଦାଲତ ରହିଥିବାବେଳେ ଫଇସଲା ହାର ମାତ୍ର ୩ପ୍ରତିଶତ ରହିଛି। ଅପରପକ୍ଷ ମାମଲା ସଂଖ୍ୟା ବଢି ବଢି ଚାଲିଛି। କେବଳ ଆତଙ୍କବାଦ ନୁହେଁ କି ଲୋକପ୍ରତିମାନଙ୍କ ଅପରାଧିକ ମାମଲା ନୁହେଁ, ଅନୁରୂପ ଭୀମା କୋରୋଗାଁଓ ପରି ମାମଲା ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିବାବେଳେ ବର୍ଷ ବର୍ଷ ଧରି ବହୁ ମାମଲା ବିଚାର ଅପେକ୍ଷାରେ ରହିଛି। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ସୁପ୍ରିମକୋର୍ଟରେ ୮୮ହଜାର ମାମଲା ବିଚାରଧୀନ ହାଇକୋର୍ଟ ଗୁଡିକରେ ୬୩.୮ ଲକ୍ଷ ଏବଂ ତଳକୋର୍ଟ ଗୁଡିକରେ ୪.୬୯ କୋଟି ମାମଲା ବିଚାର ଅପେକ୍ଷାରେ ପଡିଛି। ବାସ୍ତବରେ ଆମ ଦେଶରେ ନ୍ୟାୟିକ ପ୍ରକ୍ରୀୟା ଯେଉଁଭଳି ମନ୍ଥର ଗତିରେ ଚାଲିଛି, ତାହା କେବଳ ବିଡମ୍ବିତ ନୁହେଁ, ବାସ୍ତବରେ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କହିଲେ ଅତିରଂଜିତ ହୋଇନପାରେ।

# ଏକଲା ଏକଲା ଏକ୍ : ଦୁସ୍‌ରା ଦୁନିଆ ଦେଖ୍

## ମାୟାଧର ନାୟକ

ଯଦି ନିଷ୍ପତି ନେଲ ମଣିଷ ଜନ୍ମ ପାଇ ଏ ସଂସାରରେ କିଛି ଅସାଧ୍ୟ ସାଧନ କରିଯିବି - ଯେତେ କଷ୍ଟ ପଡୁ, ଯେତେ ଦୁଃଖ ଆସୁ, ଯେତେ ବିରୋଧ ହଉ, ଏପରିକି ଅକାଳରେ ମୃତ୍ୟୁ ମଧ ହେଇଯାଉ, ମରିବା ପର୍ଯ୍ୟନ୍ତ ଲକ୍ଷ୍ୟପଥରୁ ବିଚ୍ୟୁତ ହେବିନାହିଁ - ଯଦି କେହି ମତେ ସମର୍ଥନ, ସହଯୋଗ ନଦିଅନ୍ତି, ଏକଲା ଚଲାବାଟୋଇଟେ ପରି ଏକା ଏକା ଚାଲିବି ନିଶ୍ଚୟ, ତା’ହେଲେ ତୁମର ସେହି ନିଛାଟିଆ ନିଆରା ଚଲାବାଟରେ ତମରି ଭଳି ଭେଟିପାରିବ ଆଉ କେଇଜଣଙ୍କୁ ବି। ‘ଆମେ କେତେଜଣ ଜୀବନକୁ ପାଣି ଛଡେଇ ନଦେଲେ ଚଳିବ କି ? ମୁକ୍ତିସଂଗ୍ରାମର ମହାନ୍‌କବି ବାଂଛାନିଧି ମହାନ୍ତିଙ୍କର ଏହି ସ୍ଫୁଲିଙ୍ଗବର୍ଷୀ ପଦ ମନେପଡେ – ଯେଉଁ ପଦରେ କି ବରାବର ବିପ୍ଳବର ବନ୍ଧୁର ପଥରେ ମାତ୍ର ଅଳ୍ପ କେତେଜଣ ଅଙ୍ଗୀକାରବଦ୍ଧ ହୋଇ ଏକାଏକା ଚାଲୁଚାଲୁ ଅବଶେଷରେ ମିଶିଯାଇ ସମଧର୍ମୀ ଗୋଟିଏ ବିରଳ ବାହିନୀକୁ ଏ ଦୁନିଆର ପଥଯାତ୍ରା ମଧ୍ୟରେ ଚିହ୍ନଟ କରାଇଦେଇଥାଆନ୍ତି। ସେମାନଙ୍କୁ ପ୍ରଥମେ ଟାହିଟାପରା କରୁଥିବା ସମକାଳର ସମାଜକୁ, ଇତିହାସର ପରିହାସରେ ଅପଦସ୍ତ କରାଇଦେଇ ଶେଷକୁ ମୁଣ୍ଡରେ ମୁଣ୍ଡେଇ ଆଉ କାନ୍ଧରେ କାନ୍ଧେଇ ଗର୍ବଗୌରବର ଗାଥା ଗାଇଥାଏ ଭାବୀକାଳର ସମାଜ – ଅର୍ଥାତ୍ ଉତରପିଢି। ଏହି ଦୃଷ୍ଟିରୁ ଏକଲା ଏକଲା ଯେତେବେଳେ ହୋଇଯିବେ ଏକ୍, ଇତିହାସ ସେତେବେଳେ ସମସ୍ତଙ୍କୁ ଡାକି ଦିନେ କହିଦେବ : ଦୁସ୍‌ରା ଦୁନିଆ ଦେଖ୍ ! ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ : ଯଦି କୋଇ ସାଥ୍ ନଆସେ, ତବେ ଏକଲା ଚଲୋ... ଏକଲା ଚଲୋ... ଏକଲା ଚଲୋ...। ମହାନ୍ ବିପ୍ଳବୀ କବି କାଜି ନଜରୁଲ ଇସଲାମ୍ ଗାଇଛନ୍ତି – “ମହାବିଦ୍ରୋହୀ ରଣକ୍ଳାନ୍ତ / ମୁଁ ସେହି ଦିନ ହେବି ଶାନ୍ତ, ଯେବେ ନିଷ୍ପେଷିତର କ୍ରନ୍ଦନଧ୍ୱନି / ଆକାଶେ ବତାସେ ଧ୍ୱନିବନି, ଯେବେ ଅତ୍ୟାଚାରୀର ଖଡ୍‌ଗ କୃପାଣ / ଭୀମରଣଭୂମେ ରଣିବନି।”

ଯେଉଁମାନେ ସମାଜବ୍ୟବସ୍ଥା, ପରିସ୍ଥିତି, ପରିବେଶକୁ ବଦଳାଇବାକୁ ଚାହାଁନ୍ତି, ସେମାନେ ସଂଖ୍ୟାରେ ଶହ ଶହ, ହଜାର ହଜାର, ଲକ୍ଷ ଲକ୍ଷ, କୋଟି କୋଟି ନୁହଁନ୍ତି। ଅଳ୍ପ ଲୋକ, ଏପରିକି ଜଣେ ଜଣେ ମହାମାନବ ଏ ସମାଜକୁ ବଦଳାଇବାର ନଜିର ରହିଛି। ଉଦାହରଣ ଦେଲେ ବହୁ ମହମନୀଷୀଙ୍କ ଉଦାହରଣ ଦିଆଯାଇପାରେ, କିନ୍ତୁ ଏଠାରେ ଜଣେ ଜଣେ ସାଧାରଣ ଲୋକ କିଭଳି ଅସାଧ୍ୟ ସାଧନ କରିଛନ୍ତି, ତାହା ହିଁ ଆମର ପ୍ରଣିଧାନର ବିଷୟ - ଯାହା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ।

ପର୍ବତ ମଣିଷ ଦଶରଥ ମାନ୍‌ଝୀଙ୍କ କଥା ଊଣା-ଅଧିକେ ଜାଣନ୍ତି; ଯିଏ ଗୋଟିଏ ହାତୁଡି ଓ ନିହାଣ ଦ୍ୱାରା ବିଶାଳ ପର୍ବତ ଦେହକୁ ଖୋଳି ତିରିଶ ଫୁଟ୍ ଚଉଡା ଏବଂ ୩୬୦ ଫୁଟ୍ ଲମ୍ବର ରାସ୍ତା ତିଆରି କରିଥିଲେ। ତାଙ୍କ ଉଦ୍ୟମର ସଫଳତା ସ୍ୱରୂପ ବିହାରର ଦୁଇଟି ବ୍ଲକ୍ ଅତ୍ରି ଓ ୱାଜିରଗଞ୍ଜ ମଧ୍ୟରେ ଦୀର୍ଘ ପଂଚାବନ କିଲୋମିଟର୍ ଦୂରତାର ରାସ୍ତା ପନ୍ଦର କିଲୋମିଟରକୁ କମିଆସିଛି। ଏହି ସତ ମଣିଷଙ୍କ ଜୀବନକାହାଣୀକୁ ନେଇ ପରବର୍ତୀ ସମୟରେ ଚଳଚ୍ଚିତ୍ର ନିର୍ମିତ ହୋଇଛି ଏବଂ ସଂକଳ୍ପ-ସାଧନା-ଅଧ୍ୟବସାୟର ଏକ ଐତିହାସିକ ଚରିତ୍ର ପାଲଟିଛନ୍ତି‘ମାନ୍‌ଝୀ’।

ମାନ୍‌ଝୀଙ୍କ ଅନୁରୂପ ବ୍ୟକ୍ତିତ୍ୱର ନିଦର୍ଶନ ପାଲଟିଥିବା ଆଉଜଣେ ହେଲେ ଲଦାଖ୍‌ର ପଂଚସ୍ତରି ବର୍ଷ ବୟସ୍କ ସୁଲଟ୍ରିମ୍ ଚଞ୍ଜୋର। ନିଜସ୍ୱ ଶ୍ରମ ଓ ସମ୍ବଳ ବିନିଯୋଗରେ ସେ ଅଠତିରିଶ କିଲୋମିଟର୍ ଲମ୍ବର ରାସ୍ତା ତିଆରି କରିଛନ୍ତି। ଜମ୍ମୁ-କଶ୍ମୀର ଇଲାକାର ଶିଙ୍କୁଲା ଘାଟି ଅଂଚଳରେ ଥିବା ରାମକୋକ୍ ଠାରୁ କାର୍ଗ୍ୟାକ୍ ଗାଁ ପର୍ଯ୍ୟନ୍ତ ଏହି ରାସ୍ତା ଲମ୍ବିଛି। ଏ ବାବଦରେ ଖର୍ଚ୍ଚ କରିଛନ୍ତି ସତାବନ ଲକ୍ଷ ଟଙ୍କା। ଏତେ ବିପୁଳ ପରିମାଣର ଅର୍ଥଯୋଗାଡ ପାଇଁ ସେ ନିଜର ସମସ୍ତପୈତୃକ ସଂପତି ଅକାତରରେ ବିକ୍ରି କରିଦେଇଛନ୍ତି ଏବଂ ଜୀବନକାଳ ମ୍ଭରେ ସଂଚିଥିବା ସବୁ ଅର୍ଥକୁ ରାସ୍ତା ତିଆରି କାମରେ ଲଗାଇଛନ୍ତି। ସମୁଦ୍ର ପତନଠାରୁ ପ୍ରାୟ ତିନି ହଜାର ପାଂଚ ଶହ ମିଟର୍ ଉଚ୍ଚତାରେ ଏହି ଅଂଚଳ ଅବସ୍ଥିତ। ସବୁଠାରୁ ବଡ଼ କଥାହେଉଛି, କାର୍ଗିଲ ସେକ୍ଟରରେ ପହଂଚିବା ଲାଗି ଏହି ରାସ୍ତାଟି ଏବେ ମନାଲି-ଲେହ ରାଜପଥର ଏକ ବିକଳ୍ପହୋଇପାରିବ ଏବଂ କମ୍ ସମୟରେ ପହଂଚିହେବ। ଲଦାଖ୍‌ର ‘ମାନ୍‌ଝୀ’ ଭାବେ ପରିଚିତ ଚଞ୍ଜୋର, ରାଜ୍ୟ ହସ୍ତଶିଳ୍ପ ବିଭାଗର ଜଣେ କର୍ମଚାରୀ ଥିଲେ। ମୁଖ୍ୟ ରାସ୍ତା ଠାରୁ ନିଜ ଅଂଚଳଟି ବିଚ୍ଛିନ୍ନ ଥିଲା। ବାରମ୍ବାର ନିବେଦନ ସତ୍ତ୍ୱେ ସୀମାରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା କିଂବା ଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ନିଜେ ଅଂଟା ଭିଡିଥିଲେ।ଗୋଟିଏ ଜେସିବିମେସିନ୍ ଓ ପାଂଚଟି ଗଧ ସହିତ କାମ ଆରମ୍ଭ କରିଥିଲେ ୨୦୧୩ରେ। ଏହି ଦୀର୍ଘ ପଥର ନିର୍ମାଣ ପାଇଁ ତାଙ୍କୁ ତିନି ବର୍ଷ ସମୟ ଲାଗିଥିବା ଜଣାଯାଏ। ଚଞ୍ଜୋରଙ୍କ ସାଧୁ ଉଦ୍ୟମ ଓ ସଫଳତା ଏବେ ଦେଶବ୍ୟାପୀ ଚର୍ଚ୍ଚାରେ।

ଏଇ ଆମ ଓଡିଶାରେ କେନ୍ଦୁଝର ଜିଲ୍ଲା ଦୈତାରୀ ପର୍ବତ ପଛପଟ ତେଲକୋଇ ଅଂଚଳର ଦୈତାରୀ ନାୟକଙ୍କ ଜମିକୁ ଜଳ ଆସୁନଥିଲା। ପାହାଡରୁ ପାଣି ଗଡି ଜମି ନଷ୍ଟ କରୁଥିଲା। ଯେହେତୁ ଦୈତାରୀ ଅଂଚଳ ପାହାଡିଆ, ଜଳସେଚନର ସୁବିଧା ନଥିଲା। ସରକାରଙ୍କୁ ଯେତେ ଗୁହାରି କଲେ ବି କେହି ଶୁଣୁନଥିଲେ। ସେ ଜମି ପାଖ ଛୋଟଛୋଟ ପାହାଡ କାଟି ସମତଳ କରିଦେଲେ। ହିଡର ହାଡରେ ରକ୍ତର ଶିଆର କାଟି ‘ଲେଇଲ ସୁନାର ‘ସଲ। ଏବେ ସେଇ ଦୈତାରୀ ନାୟକଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି।

ଚୀନ୍ ଦେଶରେ ଏକ ପାହାଡିଆ ଅଂଚଳ। ପାହାଡତଳିରେ ଏକ ବିରାଟ ଗାଁ। ବର୍ଷା ଦିନେ ପାହାଡରୁ ପାଣି ଖସି ଗାଁର ଘରଦ୍ୱାର ନଷ୍ଟ କରିଦିଏ, ଫସଲ ମଧ ଧୋଇନିଏ। ଏ ଘଟଣା ପ୍ରତିବର୍ଷ ଘଟେ। ଏହାଛଡ଼ା ସେ ଅଂଚଳ ଲୋକ ବାହାରକୁ ଯାଇ ଘରଦ୍ୱାର ତୋଳି ରହିବେ, ଜମିବାଡି ଚାଷବାସ କରି ଫସଲ ଫଳାଇ ଜୀବନ ବଂଚାଇବେ, ଏଭଳି କିଛି ସୁବିଧା ନଥିଲା। ପ୍ରତିବର୍ଷ ଦୁଃଖକଷ୍ଟରେ ସେ ଗାଁର ଲୋକ ଜୀବନ ବିତାଉଥିଲେ। ଅତି ଉତ୍କଟ ଅଭାବ ଅନଟନ ହେତୁ ସେମାନେ ଭାଙ୍ଗିପଡୁଥିଲେ।

ଗ୍ରାମବାସୀମାନେ ଏକାଠି ହୋଇ ଏଇ ବିପଦରୁ ରକ୍ଷା ପାଇବା ପାଇଁ ବହୁ ଚିନ୍ତାଭାବନା କରୁଥିଲେ, କିନ୍ତୁ କୌଣସି ଉପାୟ ବାହାରୁ ନଥିଲା। ବର୍ଷ ବର୍ଷ ଏଇଭଳି ଗଡି ଚାଲୁଥିଲା। ଥରେ ଗ୍ରାମବାସୀଙ୍କ ସଭାରେ ଜଣେ ବୁଢା ପ୍ରସ୍ତାବ ଦେଲା – ଚାଲ, ଆମେ ସମସ୍ତେ ଗାଁ ମୁଣ୍ଡ ଉପରେ ଥିବା ପାହାଡକୁ କାଟି ସମତଳ କରିଦେବା। ଘରଭଙ୍ଗାରୁ ବି ରକ୍ଷା ପାଇବା, ‘ସଲ ବି ଆମଦାନି କରିପାରିବା।

ବୁଢାର ପ୍ରସ୍ତାବକୁ ଅସମ୍ଭବ କହି ସମସ୍ତେ ବାଏଁ ବାଏଁ ଉଡେଇଦେଲେ।

ବୁଢା କିନ୍ତୁ ସେଦିନ ଘରେ ଆସି ତା ପରିବାରକୁ ବସାଇ କହିଲା – ତୁମେମାନେ ମତେ ସହଯୋଗ କର। ଗ୍ରାମବାସୀମାନେ ମୋ କଥାକୁ ହସରେ ଉଡାଇଦେଲେ। ଚାଲ ଆମେ ଆମ ଘର ପାଖ ପାହାଡଟାକୁ କାଟିବା ଆରମ୍ଭ କରିବା।

ବୁଢା କଥାକୁ ମଧ ପରିବାର ଲୋକ ହସରେ ଉଡାଇଦେଲେ। ବୁଢା କିନ୍ତୁ ନଛୋଡବନ୍ଧା। ରାତିସାରା ଶୋଇପାରିଲାନାହିଁ। ମନେ ମନେ ଦୃଢ ନିଷ୍ପତି ନେଲା ସୂର୍ଯ୍ୟୋଦୟରୁ ସେ ତା’ର ପଥରଭଙ୍ଗା ଅଭିଯାନ ଆରମ୍ଭ କରିବ।

କଅଁଳ ସକାଳ, ବୁଢା ପାହାଡ କାଟିବା କାମ ଆରମ୍ଭ କରିଦେଲା। ଭୋରୁ ଭୋରୁ ଠକ୍‌ଠାକ୍ ଶବ୍ଦ ଶୁଣାଗଲା। ସେତେବେଳକୁ ଲୋକ ନିଦରୁ ଉଠିନଥାନ୍ତି। ବୁଢାର ପାହାଡକଟା ଠକ୍‌ଠକ୍ ଶବ୍ଦରେ ଉଠିଲେ। ବୁଢାର ଏମନ୍ତ କାର୍ଯ୍ୟ ଦେଖି ଲୋକ ହସିଲେ ଏବଂ କହିଲେ : ବୁଢାଟା ପାଗଳ, ବୋକାଟା। ଏକା ଏକା ଏହି ପାହାଡଟାକୁ କାଟୁଛି।

ଦିନେ, ଦୁଇଦିନ ଏଭଳି ଚାଲିଲା ପରେ ବୁଢା ସହିତ ତା’ ଝିଅବୋହୂମାନେ ଯୋଗ ଦେଲେ। ପୁଅମାନେ ପ୍ରଥମେ ପ୍ରଥମେ ହସୁଥାଆନ୍ତି ସିନା, ହେଲେ ନାତିନାତୁଣୀମାନେ ଯେତେବେଳେ ଯୋଗ ଦେଲେ, ବାଧ୍ୟ ହୋଇ ପୁଅମାନେ ମ୍ଭ ଯୋଗ ଦେଲେ। ଏମନ୍ତ ଦୃଶ୍ୟ ଦେଖି ଗାଁର ଲୋକମାନେ, ପାଠୁଆମାନେ, ନିଜକୁ ବିରାଟ ଭାବୁଥିବା ଲୋକମାନେ ହସିଲେ, ତାଚ୍ଛଲ୍ୟ କଲେ, ବୋକା ବୁଢା ବୋଲି କହି ନିନ୍ଦା କଲେ। ବୁଢା ନିନ୍ଦା, ଅପମାନକୁ ବେଖାତିର କରି ପାହାଡ କାଟି ଚାଲିଲା। ଧୀରେଧୀରେ ପାହାଡ କଟି କଟି ସମତଳ ହେବାରେ ଲାଗିଲା। ପ୍ରାୟ ବର୍ଷାଦିନ ପୂର୍ବରୁ ବୁଢାର ଘରଜମି ଆଗରେ ପାହାଡ କାଟି ସମତଳ ହେଇଗଲା। ଜମିକୁ ହିଡ ଦେଇ ପାହାଡରୁ ଗଡୁଥିବା ପାଣିକୁ କେନାଲୀକରଣ କରିଦେଲା ସେ।ଆସିଲା ବର୍ଷାଦିନ ! ମୁଷଳଧାରାରେ ବର୍ଷା ! ସେଇ ପ୍ରତିବର୍ଷ ଭଳି ପାହାଡରୁ ବର୍ଷାପାଣି ଗଡି ଅନ୍ୟମାନଙ୍କ ଘର, ଦ୍ୱାର, ଫସଲ ନଷ୍ଟ କରିବାରେ ଲାଗିଲା। କିନ୍ତୁ ବୁଢାର ଘର ସୁରକ୍ଷିତ, ଜମି ମଧ ସୁରକ୍ଷିତ. ବରଂ ପାହାଡରୁ ଝରୁଥିବା ପାଣି ଜମିରେ ମଡାଇଲା।ଏମନ୍ତ ଦୃଶ୍ୟ ଦେଖି ଗ୍ରାମବାସୀମାନଙ୍କ ମଗଜରେ ବୁଦ୍ଧି ପଶିଲା। ବୁଢା କଥା ଶହେକୁ ଶହେ ସତ। ଶେଷକୁ ବୁଢାର ନେତୃତ୍ୱରେ ଗ୍ରାମବାସୀମାନେ ପାହାଡ କାଟିବା ଆରମ୍ଭ କରିଦେଲେ। ବର୍ଷକ ଭିତରେ ପାହାଡ ସଫା, ସମତଳ ଭୂମି, ସବୁ ଘର ସୁରକ୍ଷିତ, ଫସଲ ସୁରକ୍ଷିତ, ବର୍ଷରେ ତିନି ଫସଲି, ଖାଦ୍ୟ ଭରପୂର, ଗ୍ରାମବାସୀଙ୍କ ମୁହଁରେ ହସ ଫୁଟି ଉଠିଲା। ଏ ଖବର ଚାଇନା ଦେଶର କୋଣ ଅନୁକୋଣରେ ଖେଳିଗଲା। ଏପରିକି ଦେଶବିଦେଶରେ ପହଂଚିଲା। ତେଣୁ ଏକ୍‌ଲା ଏକ୍‌ଲା ଏକ୍ : ଦୁସ୍‌ରା ଦୁନିଆ ଦେଖ୍ ! ବୋକାବୁଢା ସମସ୍ତଙ୍କୁ ଏଇ ଦୁସ୍‌ରା ଦୁନିଆ ଅର୍ଥାତ୍ ନୂଆ ଦୁନିଆ ଦେଖେଇଦେଲା।

ଯାଜପୁର ରୋଡ, ଯାଜପୁର, ମୋ : ୯୮୬୧୦୩୪୧୬୩

# ବସୁଧୈବ କୁଟୁମ୍ବକମ୍

## ବିଜୟଲକ୍ଷ୍ମୀ ଶତପଥୀ

ଭଗବାନ ଶ୍ରୀସତ୍ୟସାଇ ବାବା ସବୁବେଳେ ଆମକୁ ‘ପ୍ରେମ ସ୍ୱରୂପ’ ବୋଲି ସମ୍ବୋଧନ କରିଥାନ୍ତି। ଆମେ ସ୍ୱୟଂ ହିଁ ପ୍ରେମ। ନିଜକୁ ପ୍ରେମ କରିବାକୁ ଆମକୁ କିଛି ବି କଷ୍ଟ କରିବାକୁ ପଡ଼ି ନଥାଏ କାରଣ ଏହା ସ୍ୱାଭାବିକ କଥା। ତେବେ ଏହି ପ୍ରେମକୁ ପ୍ରାପ୍ତ କରିବାରେ ପ୍ରଥମ କିଏ ? ତାହା ହେଉଛି ଆମ ପରିବାର। ସମଗ୍ର ବିଶ୍ୱରେ ସଂହତି ପାଇଁ ପରିବାର ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ସଂହତି ରହିଲେ ହିଁ ସାରା ବିଶ୍ୱରେ ସଂହତି ରହିବ ଏବଂ ପରିବାରରେ ଏକତ୍ୱବୋଧ ହେଉଛି ଏହାର ଚାବି କାଠି। ଏକତ୍ୱ ହେଉଛି ପ୍ରତି ପରିବାରର ପୋଷକ ତତ୍ତ୍ୱ। ଏକତ୍ୱ ହିଁ ଦିବ୍ୟତ୍ୱ। ସମଗ୍ର ସୃଷ୍ଟିରେ ଏକତା ଥିଲେ ମଧ ଆମେ ତା ମଧ୍ୟରେ ବିବିଧତା ହିଁ ଦେଖିଥାଉ। କିନ୍ତୁ ଆମକୁ ବୁଝିବାକୁ ହେବ ଯେ ଏକତ୍ୱ ବିନା ଏ ସୃଷ୍ଟିର ଅସ୍ତିତ୍ୱ ହିଁ ନାହିଁ। ଗୋଟିଏ ଦର୍ପଣ ଘର ଭିତରକୁ ଯେତେବେଳେ କୁକୁରଟିଏ ଯାଏ ସେ ସର୍ବତ୍ର ତାର ପ୍ରତିଛବି କୁକର ହିଁ ଦେଖେ ଓ ଭୟଭୀତ ହୋଇପଡ଼େ। ଜୋର ରେ ଭୋ ଭୋ କଲେ ସବୁ ପଟୁ ତାହା ହିଁ ସେ ଦେଖେ ଏବଂ ଆକ୍ରମଣ କରିବାକୁ ଦର୍ପଣ ଉପରକୁ ଲମ୍ଫ ପ୍ରଦାନ କରେ। ଦର୍ପଣ କାଚଟି ଭାଙ୍ଗିଯାଏ ଏବଂ କୁକୁର ଭାବେ ଯେ ଅନ୍ୟ ସମସ୍ତେ ଚାଲି ଯାଇଛନ୍ତି ଏବଂ ଏବେ ସେ ଭୟମୁକ୍ତ। କିନ୍ତୁ ପ୍ରକୃତରେ ସେ ସବୁ ତ ଥିଲା ତାର ହିଁ ପ୍ରତିବିମ୍ବ। ଠିକ ସେହିପରି ଏ ସମ୍ପୂର୍ଣ୍ଣ ସୃଷ୍ଟି ହେଉଛି ଦିବ୍ୟତ୍ୱର ସ୍ଫୁଲିଙ୍ଗ। ବିଶ୍ୱ ରୂପକ ଆଇନାରେ ଆମେ ପ୍ରତ୍ୟେକଙ୍କୁ ନିଜ ପ୍ରତିରୂପ ବୋଲି ଯଦି ଦେଖି ପାରିବା, ତେବେ ହିଁ ଏକତ୍ୱକୁ ଅନୁଭବ କରିପାରିବା।

ଆଜି ବୈଷୟିକ ଜ୍ଞାନର ଅଗ୍ରଗତି ଆଉ ନଭଶ୍ଚୁମ୍ବୀ ପ୍ରଗତିର ସୂଚନା ଦିଏ। ଆଜି ସାରା ଦୁନିଆକୁ ଆମେ ସଂଯୁକ୍ତ କରି ପାରୁଛୁ, କିନ୍ତୁ ଗୁଣାତ୍ମକ ଦୃଷ୍ଟିରୁ ଦେଖିଲେ ଆମ ପାରସ୍ପରିକ ସମ୍ପର୍କ ଅତି ଦୁର୍ବଳ ହୋଇ ଚାଲିଛି। ଆଜି ଆମେ ସାରା ଦୁନିଆ ସହ ନିଜକୁ ସଂଯୁକ୍ତ କରି ପାରୁଛୁ ତଥା ନିଜକୁ ଏକାକୀ ଅନୁଭବ କରୁଛୁ। ଇମୋଜୀ ସତେ ଯେମିତି ଆଜି ଆମ ଭାବ ବିନିମୟର ମାଧ୍ୟମ ପାଲଟିଛି। ଆଜି ପ୍ରତ୍ୟେକ ପରିବାରରେ ଏକ ସାଧାରଣ ବାକ୍ୟ ହୋଇ ରହିଯାଇଛି ‘ତୁମେ ମୋତେ ବୁଝି ପାରୁନାହଁ’। ଗୋଟିଏ ଛାତ ତଳେ ଆମେ ରହୁଛୁ କିନ୍ତୁ କାହା ପାଇଁ ଆମ ପାଖରେ ସମୟ ନାହିଁ। ଏଭଳି ପରିସ୍ଥିତିରେ ପରିବାର ମଧ୍ୟରେ ସଦଭାବନା ବୃଦ୍ଧି ପାଇଁ ଭଗବାନ ଶ୍ରୀସତ୍ୟସାଇ ବାବା ତିନଟି ସୂତ୍ର ଆମ ମାନଙ୍କୁ ପ୍ରଦାନ କରିଛନ୍ତି, ଯାହା ଆମ ସମସ୍ତଙ୍କ ପାଇଁ ପ୍ରଣିଧାନ ଯୋଗ୍ୟ। ପ୍ରେମ ଭାବର ଅଭିବୃଦ୍ଧି, ଏକତ୍ୱ ଭାବର ଅଭିବୃଦ୍ଧି ଓ ତ୍ୟାଗ ଭାବର ଅଭିବୃଦ୍ଧି। ବର୍ତ୍ତମାନ ଆସନ୍ତୁ ଆମେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଟିକେ ପ୍ରଶ୍ନ କରିବା। ପରିବାରରେ ଆମେ ପ୍ରତ୍ୟେକ ପରସ୍ପର ସହ କେତେ



ଗୁଣାତ୍ମକ ସମୟ ଅତିବାହିତ କରୁଛୁ, ପରସ୍ପର ସହ ନିବିଡ଼ ପ୍ରେମ ବନ୍ଧନରେ ଅଛୁ ଏବଂ ଭଗବାନଙ୍କ ପ୍ରେମର ବନ୍ଧନରେ ସମ୍ପୂର୍ଣ୍ଣ ପରିବାର ରହିଛୁ ? ଆମେ କଣ ଅନୁଭବ କରୁଛୁ କି ଯେ ଆମ ପରିବାର ଆମ ପାଇଁ ଏକ ଉତ୍ତମ ସ୍ୱାସ୍ଥ୍ୟ, ଅଶେଷ ଶାନ୍ତି ଓ ଆନନ୍ଦ ପ୍ରଦାନକାରୀ ସ୍ଥଳୀ ଯେଉଁଠି ଆମେ ଆମର ସମସ୍ତ ଅସୁବିଧା, ସଂଘର୍ଷକୁ ନିର୍ଦ୍ୱନ୍ଦରେ ସମସ୍ତଙ୍କ ସହ ବାଣ୍ଟି ଦେଇ ହାଲୁକା ହୋଇଯାଉ ? ଯଦି ଆମେ ମାପିବା ଆମ ପରିବାରର ଏକତ୍ୱ ଭାବର ମାତ୍ରା, ସତରେ ଆମେ ନିଜେ ସନ୍ତୁଷ୍ଟ କି ? ଯଦି ନୁହଁ, ତାର ନିରାକରଣ ପାଇଁ ଆମେ କି ବ୍ୟବସ୍ଥା କରିଛୁ ? ଗୋଟିଏ ସୁନ୍ଦର ଆଦର୍ଶଯୁକ୍ତ ପରିବାର ଗଠନରେ ପରିବାରର ପ୍ରତି ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଏହା ଆମକୁ ବୁଝିବାକୁ ହେବ ଏବଂ ସେହି ଅନୁସାରେ ନିଜ ନିଜ ଦାୟିତ୍ୱବୋଧକୁ ଅନୁଭବ କରି ନିଭେଇବାକୁ ପଡ଼ିବ। ଭଗବାନ ବାବା ଅନେକ ସମୟରେ ଭଗବାନ ଶିବ ଓ ପାର୍ବତୀଙ୍କ ପରିବାରର ଉଦାହରଣ ଦେଇଥାନ୍ତି। ଭଗବାନ ଶିବ, ମା’ପାର୍ବତୀ, ଶ୍ରୀ ଗଣେଶ ଓ କାର୍ତ୍ତିକେୟଙ୍କ ବାହନ ଓ ଆଭୂଷଣ ଯଦି ଦେଖିବା ଷଣ୍ଢ, ସିଂହ, ମୟୂର, ମୂଷିକ, ସର୍ପ, ଅଗ୍ନ, ଗଙ୍ଗା ସବୁଥିରେ ବ୍ୟତିକ୍ରମ ପରିଲକ୍ଷିତ ହୁଏ। କିନ୍ତୁ ପ୍ରତ୍ୟେକେ ସଦଭାବନା ସହ ରହି ଏକ ଆଦର୍ଶ ପରିବାରର ପରିଚୟ ସୃଷ୍ଟି କରିଛନ୍ତି।

ଆଜିର କଥା ଟିକେ ବିଚାର କରିବା। ଏକରୁ ଦୁଇ ଭାଇ ହୋଇଗଲେ ସମ୍ପତ୍ତି ପାଇଁ କଳହର ସୂତ୍ରପାତ ହେଉଛି। ପତି, ପତ୍ନୀ, ମଧ୍ୟରେ ବି ସଠିକ ବୁଝାମଣା ନାହିଁ। ମନୁଷ୍ୟ ସମ୍ପୂର୍ଣ୍ଣ ରୂପେ ଅର୍ଥ ସର୍ବସ୍ୱ ହୋଇଯାଇଛି। ଶ୍ରୀସତ୍ୟସାଇ ବାବା ଶ୍ରୀରାମଙ୍କ ଉଦାହରଣ ଦେଇ କହନ୍ତି, ଶ୍ରୀରାମ ଜଣେ ଉତ୍ତମ ପୁତ୍ର, ଭ୍ରାତା, ପତି, ପିତା ଓ ଶାସକ। ଶ୍ରୀରାମ ଏକ ପତ୍ନୀ ବ୍ରତ ଗ୍ରହଣ କରିଥିଲେ ଯେତେବେଳେ କି ସେ କାଳରେ ବହୁପତ୍ନୀ ଗ୍ରହଣ ଏକ ସାଧାରଣ କଥା ଥିଲା। ଯେମିତି ଶରୀରରେ ଅନେକ ଅଙ୍ଗ ଥିଲେ ମଧ ସବୁକିଛି ହୃଦୟ ଦ୍ୱାରା ପରିଚାଳିତ ହୁଅନ୍ତି ଠିକ ସେହିପରି ପତି ପତ୍ନୀ ପାଇଁ ଏବଂ ପତ୍ନୀ ପତି ପାଇଁ ଏକ ଓ ଅଭିନ୍ନ। ସମଗ୍ର ବିଶ୍ୱକୁ ଏହି ଆଦର୍ଶରେ ଅନୁପ୍ରାଣୀତ କରିବାକୁ ଭଗବାନ ଶ୍ରୀରାମ ଏକ ପତ୍ନୀ ବ୍ରତ ଗ୍ରହଣ କରିଥିଲେ। ଭ୍ରାତୃତ୍ୱର ଅତୁଟ ପ୍ରେମ ବନ୍ଧନର ଗାଥା ବହନ କରିଛି ରାମାୟଣ।

ପାରିବାରିକ ରୀତି ନୀତି ବା ନିୟମାବଳୀ ଉପରେ ବୁଝାଇବାକୁ ଯାଇ ଭଗବାନ କହନ୍ତି, ‘ପରସ୍ପର ସହ ଯୋଗସୂତ୍ର ସ୍ଥାପନ କରିବାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ବୁଝାମଣା। ତୁମେ ପରିବାରରେ ପ୍ରତ୍ୟେକଙ୍କୁ ଭଲ ପାଅ, ଯଦି ଭଲ ପାଇ ପାରୁନାହଁ, ତାହେଲେ ନିରବ ରୁହ, କାହାକୁ କଟୁ କଥା କୁହ ନାହିଁ। କାହାକୁ ଅପଶବ୍ଦ କହିବା ବା ଗାଳି କରିବାର ଅଧିକାର ଆମକୁ ଦେଲା କିଏ ? ପ୍ରତ୍ୟେକଙ୍କ ଭିତରେ ସେହି ସମାନ ଦିବ୍ୟ ପ୍ରେମର ସ୍ଫୁଲିଙ୍ଗ ବିଦ୍ୟମାନ। ତେଣୁ ଟିକେ ଚିନ୍ତା କରନ୍ତୁ ତ ପ୍ରେମ କରି କଣ ପ୍ରେମକୁ ସମାଲୋଚନା କରିପାରେ ? କେବେ ନୁହେଁ। ପ୍ରେମ କେବଳ ପ୍ରେମର ଅନୁଭବ କରାଇଥାଏ। ସୁଖମୟ ପରିବାରର ସ୍ୱର୍ଣ୍ଣିମ ସୂତ୍ର ଦେବାକୁ ଯାଇ ଶ୍ରୀସତ୍ୟସାଇ ବାବା କହନ୍ତି, ପ୍ରଥମେ ନିଜ ଭୁଲକୁ ଖୋଜ ଏବଂ ଅନ୍ୟ ଭଲକୁ ଦେଖି ପ୍ରଶଂସା କରିବା ଶିଖ। ପରିବାରର ସମସ୍ତ ପ୍ରତି ଶାନ୍ତ, ଧୈର୍ଯ୍ୟଶୀଳ ଏବଂ ସାହାଯ୍ୟ ପାଇଁ ସଦା ତତ୍ପର ରୁହ। ସବୁବେଳେ ବ୍ୟସ୍ତ ବିବ୍ରତ ରହି ଧାବମାନ ମନୁଷ୍ୟକୁ ଭଗବାନ ଖୁବ ସୁନ୍ଦର ଭାବରେ ପୁଣି ବୁଝାଇ କହିଛନ୍ତି ‘ସ୍ଲୋ ଡାଉନ... ତୁମେ ଟିକେ ନିଜକୁ ଅତ୍ୟଧିକ ବ୍ୟସ୍ତତାରୁ ବାହାର କରି ଧିର ହୋଇଯାଅ। ବ୍ୟସ୍ତତା ମଧ୍ୟରେ ତୁମେ ଅନ୍ୟକୁ ପ୍ରେମର ସ୍ପର୍ଶ ଦେଇ ପାରିବନି, କିନ୍ତୁ ତୁମ ଭିତରେ ସ୍ଥିରତା ରହିଲେ କେହି ତୁମ ପ୍ରେମର ପରଶରୁ ବଞ୍ଚିତ ହୋଇପାରିବେ ନାହିଁ। ତୁମେ ସବୁ କମ୍ପ୍ୟୁଟର ନୁହ, ତୁମେ ହେଉଛି କମ୍ପୋଜର।

ଭଗବାନ ତୁମ ପରିବାରର ମୁଖ୍ୟ। ତୁମ ପ୍ରତି କଥାକୁ ସେ ଶୁଣୁଛନ୍ତି, ତୁମ ଭୋଜନରେ ଅଦୃଶ୍ୟ ଭାବରେ ଉପସ୍ଥିତ ଅଛନ୍ତି। ତାଙ୍କ ଦିବ୍ୟ ଉପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କର। ସେହି ଅନୁରୂପ ପରିବାରର ବାତାବରଣ ଆମକୁ ରଖିବାକୁ ହେବ। ମନୁଷ୍ୟ ସମାଜରେ ଜନ୍ମ ହୁଏ, ସମାଜରେ ବଢ଼େ, ସମାଜରେ ବଞ୍ଚେ। ସମାଜ ବିନା ସେ ମୁହୂର୍ତ୍ତେ ରହି ପାରିବ ନାହିଁ। ଏହି ସମାଜ ହିଁ ତାକୁ ଚାକିରି ଦିଏ, ଅର୍ଥ ଦିଏ ସବୁ ଆବଶ୍ୟକତା ପୂରଣ କରେ। ସମାଜ ବିନା ମନୁଷ୍ୟର ଅସ୍ତିତ୍ୱ ନାହିଁ। ଶ୍ରୀ ସତ୍ୟସାଇ ବାବା ଅତି ଚମତ୍କାର ଭାବରେ ବୁଝେଇ କହନ୍ତି, ‘ଯେତେବେଳେ ତୁମେ ଜନ୍ମ ହେଲ ତୁମେ ଏକା ଥିଲ, ପରେ ପିତାମାତାଙ୍କୁ ଜାଣିଲ, ବିଦ୍ୟାଳୟକୁ ଯେତେବେଳେ ଯିବା ଆରମ୍ଭ କଲ କେତେ ସାଙ୍ଗ ସାଥି ତୁମ ଜୀବନ ପରିଧିକୁ ଆସିଲେ, ପରେ ପରେ ପତ୍ନୀ, ଶାଶୁ, ଶ୍ୱଶୁର, ପୁତ୍ର, କନ୍ୟା, ନାତି, ନାତୁଣି ଏଭଳି ଭାବରେ ପରିବାର ପରିବ୍ୟାପ୍ତ ହୋଇଚାଲେ ଏବଂ ତୁମର ପ୍ରେମର ପରିସୀମା ବଢ଼ି ଚାଲେ। ଏଭଳି ଭାବରେ ତୁମକୁ ନିଜକ ପରିବାରର ସୀମା ରେଖାରୁ ଉର୍ଦ୍ଧ୍ୱକୁ ଯାଇ ବସୁଧୈବ କୁଟୁମ୍ବକମ୍ ଭାବ ସହ ସମସ୍ତଙ୍କୁ ନିଜର ପ୍ରେମର ପରିଧି ମଧ୍ୟକୁ ଆଣିବାକୁ ପଡ଼ିବ।’ ଏକ ଆଦର୍ଶ ପରିବାର ହିଁ ବସୁଧୈବ କୁଟୁମ୍ବକମ୍ ଭାବର ଭିତ୍ତି ଭୂମି।

ଖରିଆର ରୋଡ଼, ନୂଆପଡ଼ା,
E-mail :
bijaylaxmisatpathy@yahoo.com



# ଅଭ୍ୟାସ ସମୟରେ କେନାଲରେ ବୁଡିଗଲା ଟ୍ୟାଙ୍କ, ଯବାନଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲାରେ ଏକ ସାମରିକ ଅଭ୍ୟାସ ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଇନ୍ଦିରା ଗାନ୍ଧୀ କେନାଲରେ ଏକ ଭାରତୀୟ ସେନା ଟ୍ୟାଙ୍କ ବୁଡ଼ିଗଲା । ଏହି ଦୁଃଖଦ ଦୁର୍ଘଟଣାରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ସକାଳେ ସୈନିକମାନଙ୍କୁ ଟ୍ୟାଙ୍କରେ ଏକ କେନାଲ ପାର ହେବା ପାଇଁ ତାଲିମ ଦିଆଯାଉଥିବା ସମୟରେ ଏହି ଘଟଣା ଘଟିଥିଲା । ଶ୍ରୀଗଙ୍ଗାନଗରର ଇନ୍ଦିରା ଗାନ୍ଧୀ କେନାଲରେ ଏହି ଅଭ୍ୟାସ କରାଯାଉଥିଲା । ଟ୍ୟାଙ୍କରେ ଦୁଇଜଣ ସୈନିକ ଉପସ୍ଥିତ



ଥିଲେ । ଟ୍ୟାଙ୍କଟି କେନାଲର ମଧ୍ୟଭାଗରେ ପହଞ୍ଚିବା ମାତ୍ରେ ଏହା ଦ୍ରୁତ ଗତିରେ ବୁଡ଼ିବାକୁ ଲାଗିଲା । ଜଣେ ସୈନିକ ଟ୍ୟାଙ୍କରୁ ବାହାରିବାରେ ସଫଳ ହୋଇଥିଲେ, କିନ୍ତୁ ଅନ୍ୟ ଜଣେ ଫସି ଯାଇଥିଲେ । କିଛି ଘଣ୍ଟାର ଅପରେସନ ପରେ ସୈନିକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏନେଇ ସୂଚନା ପାଇବା ପରେ, ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ସହିତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ପୋଲିସ ରିପୋର୍ଟ କରିଛି ଯେ ଏକ ନିୟମିତ ତାଲିମ ଅଭ୍ୟାସ ଚାଲୁଥିଲା, ଯେଉଁଥିରେ ସଶସ୍ତ୍ର ଯାନ (ଟ୍ୟାଙ୍କ) ଏକ କେନାଲ ପାର ହେବା ଅଭ୍ୟାସ କରୁଥିଲା, ଯେତେବେଳେ ଟ୍ୟାଙ୍କ ଫସିଗଲା ଏବଂ ବୁଡ଼ିବାକୁ ଲାଗିଲା । ଦୁଇଜଣ ସୈନିକ ଟ୍ୟାଙ୍କ ଭିତରେ ଥିଲେ । ଜଣେ ଖସିଯିବାରେ ସଫଳ ହୋଇଥିଲେ, ଅନ୍ୟ ଜଣେ ଫସି ଯାଇଥିଲେ, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ବିମାନସେବା ପ୍ରଭାବିତ

# ବିମାନବନ୍ଦରରେ ଫସି ରହିଛନ୍ତି ୧୦୦୦ରୁ ଅଧିକ ଯାତ୍ରୀ


**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ଚଳାଚଳରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଛି । ମୁମ୍ବାଇ, ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ ଏବଂ ଦିଲ୍ଲୀକୁ ଯାଉଥିବା ଅନେକ ବିମାନ ଏହାଦ୍ୱାରା ପ୍ରଭାବିତ ହୋଇଛି । ଯାହାଫଳରେ ଗତକାଲି ରାତିରୁ ପ୍ରାୟ ୧୦୦୦ଜଣ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି । ସୂଚନାଯୋଗ୍ୟ, ମଙ୍ଗଳବାର ଏବଂ ବୁଧବାର ରାତି ୨ଟାରେ ଉଡ଼ିବାକୁ ନିର୍ଦ୍ଧାରିତ ହୋଇଥିବା ବିମାନକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରନୱେରେ ଅଟକାଇ ଦିଆଯାଇଥିଲା । କିଛି ସମୟ ପରେ ଉକ୍ତ ବିମାନ ଭିତରେ ବସିଥିବା ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇ ବିମାନବନ୍ଦର ଟର୍ମିନାଲରେ ଅପେକ୍ଷା କରିବାକୁ କୁହାଯାଇଥିଲା । ଏଭଳି ପରିସ୍ଥିତିରେ ଯେଉଁ ଯାତ୍ରୀମାନଙ୍କୁ ସଂଯୋଗକାରୀ ବିମାନ ଧରିବାର ଥିଲା କିମ୍ବା ଭିସା ସାକ୍ଷାତକାର ପାଇଁ ବିଭିନ୍ନ ସହରକୁ ଯାତ୍ରା କରିବାର ଯୋଜନା ଥିଲା ସେମାନଙ୍କୁ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି । ଯାତ୍ରାକୁ ନେଇ ବିମାନବନ୍ଦରରେ ଇଣ୍ଡିଗୋ କର୍ମଚାରୀମାନେ ଯାତ୍ରୀଙ୍କ ପ୍ରଶ୍ନର



ସନ୍ତୋଷଜନକ ଉତ୍ତର ଦେଇପାରୁ ନାହାଁନ୍ତି, ଯେଉଁ କାରଣରୁ ପରିସ୍ଥିତିକୁ ଆହୁରି ବିଗିଡ଼ି ଯାଇଛି । ଜଣେ ପ୍ରଭାବିତ ଯାତ୍ରୀ କହିଛନ୍ତି, ଯାତ୍ରାକୁ ନେଇ ଆମକୁ କୌଣସି ପ୍ରକାର ସ୍ପଷ୍ଟ ସୂଚନା ଦିଆଯାଉନାହିଁ । ବିମାନ ବିଳମ୍ବର କାରଣ କ'ଣ ତାହା ବି କୁହାଯାଉ ନାହିଁ । ଏଭଳି ପରିସ୍ଥିତିରେ ବିମାନବନ୍ଦରରେ ପିଲା ଠାରୁ ବୃଦ୍ଧ ଅନେକ ଯାତ୍ରୀ ଗତକାଲି ଠାରୁ ଫସି ରହିଛନ୍ତି । ସେମାନଙ୍କ ପାଇଁ କୌଣସି ପ୍ରକାରର ଖାଦ୍ୟ କିମ୍ବା ପାନୀୟର ବ୍ୟବସ୍ଥା ଏ ପର୍ଯ୍ୟନ୍ତ କରାଯାଇନାହିଁ । ଇଣ୍ଡିଗୋ ଏୟାରଲାଇନ୍ସର ଜଣେ ଅଧିକାରୀ କହିଛନ୍ତି, ଆମେ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ । ଯଥାଶୀଘ୍ର ସେଗୁଡ଼ିକୁ ସମାଧାନ କରିବା ପାଇଁ କାମ କରୁଛୁ । ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଆମେ ଦୁଃଖିତ । ସମସ୍ତଯାତ୍ରୀଙ୍କୁ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଛି । ଯାତ୍ରୀଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ । ଖୁବଶୀଘ୍ର ସ୍ଥିତିରେ ସୁଧାର ଆସିଯିବ ।

# ପୁଟିନ୍‌ଙ୍କ ଗସ୍ତ ପୂର୍ବରୁ ରୁଷ-ଭାରତ ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ରୁଷ ରାଷ୍ଟ୍ରପତି ବ୍ଲାଦିମିର ପୁଟିନ୍ ଦୁଇ ଦିବସୀୟ ଯାତ୍ରାରେ ଗୁରୁବାର ଭାରତ ଆସୁଛନ୍ତି । କିନ୍ତୁ ପୁଟିନ ଆସିବା ପୂର୍ବରୁ ରୁଷ ସଂସଦ ବା ଡୁମା ଭାରତ ସହ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ ଦେଇଛି । ଏହି ପ୍ରତିରକ୍ଷା ଚୁକ୍ତି ଅନୁସାରେ, ଦୁଇ ଦେଶ ମିଳିତ ସମରାଭ୍ୟାସ ଏବଂ ମାନବୀୟ ସହାୟତା ପ୍ରଦାନ କରିପାରିବେ । ରୁଷ ସଂସଦର ନିମ୍ନ କକ୍ଷ ଷ୍ଟେଟ୍ ଡୁମା ଭାରତ ସହିତ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତିକୁ ମଞ୍ଜୁରୀ ଦେଇଛି । ରୁଷ ଓ ଭାରତ ଭିତରେ ଏହି ଚୁକ୍ତି, ଯାହାକୁ ରେସିପ୍ରୋକଲ ଏକ୍ସଚେଞ୍ଜ ଅଫ୍ ଲଜିଷ୍ଟିକ୍ ସପୋର୍ଟ ବା 'ରେଲୋସ୍' କୁହାଯାଉଛି । ଚଳିତ ବର୍ଷ ୧୮ ଫେବୃଆରୀ ୨୦୨୫ ରେ ଏହି ଚୁକ୍ତି ସାକ୍ଷର ହୋଇଥିଲା । ରୁଷ ପ୍ରଧାନମନ୍ତ୍ରୀ ମିଖାଇଲ ମିଶୁଷ୍ଟିନଙ୍କ ପକ୍ଷରୁ ରୁଷ ସଂସଦର ନିମ୍ନକକ୍ଷ ଡୁମାରେ ଆଗତ କରାଯଇଥିଲା । ଯାହାକୁ ଏବେ ଅନୁମୋଦନ ମିଳିଛି । ଏହି ପ୍ରତିରକ୍ଷା ଚୁକ୍ତି ଦୁଇ ଦେଶ ଭିତରେ ସାମରିକ ସହଯୋଗକୁ ମଜବୁତ କରିବ । ରେଲୋସ୍' ଚୁକ୍ତି ବିଶେଷ ଭାବରେ ଭାରତ ଓ ରୁଷ ମିଳିତ ସମରାଭ୍ୟାସକୁ ଆହୁରି



ମଜବୁତ କରିବ । ରୁଷ ଦୁନିଆର ପ୍ରଥମ ଏଭଳି ଦେଶ, ଯାହା ଭାରତୀୟ ସ୍ଥଳସେନା, ବାୟୁସେନା ଓ ନେସେନା ସହ ମିଳିତ ସମରାଭ୍ୟାସ କରିଥାଏ । ଏହାର ନାଁ ମଧ୍ୟ 'ଇନ୍ଦ୍ରା' ରହିଛି । ଭାରତ ସହ 'ରେଲୋସ୍' ପ୍ରତିରକ୍ଷା ଚୁକ୍ତିକୁ ନେଇ ଷ୍ଟେଟ୍ ଡୁ୍ୟମାର ଅଧ୍ୟକ୍ଷ ଭୟାଚେସ୍ଲାଭ ଭୋଲୋଡିନ୍ କହିଛନ୍ତି, ଭାରତ ସହ ଆମର ସମ୍ପର୍କ ରଣନୈତିକ ଓ ବ୍ୟାପକ ରୂପରେ ମଜବୁତ ରହିଛି । ରୁଷ ଏବଂ ଭାରତ ମଧ୍ୟରେ ଏହି ଚୁକ୍ତିନାମାର ଲକ୍ଷ୍ୟ ହେଉଛି ପାରସ୍ପରିକ ସାମରିକ ଅଭ୍ୟାସ ଏବଂ ମାନବୀୟ ପ୍ରୟାସକୁ ସହଜ କରିବା । 'ରେଲୋସ୍' ଚୁକ୍ତିନାମା କେବଳ ସୈନ୍ୟ ଏବଂ ସାମରିକ ଉପକରଣ ମୁତୟନ ନୁହେଁ, ବରଂ ସେମାନଙ୍କର ଲଜିଷ୍ଟିକ୍ ବ୍ୟବସ୍ଥାକୁ ମଧ୍ୟ ନିୟନ୍ତ୍ରଣ କରିବ । ମିଳିତ ସାମରିକ ଅଭ୍ୟାସ, ତାଲିମ, ମାନବୀୟ ସହାୟତା, ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ବ୍ୟବହାର କରାଯିବ ।

# ବିଦେଶୀଙ୍କ ପ୍ରତି ଟ୍ରମ୍ପଙ୍କ କଠୋର ନୀତି

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦେଶୀ ନାଗରିକଙ୍କ ଆମେରିକା ପ୍ରବେଶ ଉପରେ ଏକ ବଡ଼ ଓ ବ୍ୟାପକ କଟକଣା ଲଗାଇବାର ପ୍ରସ୍ତୁତି କରାଯାଉଛି । ଏହି ନୂଆ ଟ୍ରାଭେଲ ବ୍ୟାନ୍ ଅନୁସାରେ ଦୁଇ ଡର୍ଜନରୁ ଅଧିକ ଦେଶର ନାଗରିକଙ୍କୁ ଆମେରିକାରେ ଏଣ୍ଟ୍ରିଠାରୁ ରୋକାଯାଇପାରେ । ଏହି ପଦକ୍ଷେପ ୱାଶିଂଟନ୍ ଡିସିରେ ନ୍ୟାସନାଲ ଗାର୍ଡର ସଦସ୍ୟ ଉପରେ ଆକ୍ରମଣ ପରେ ଟ୍ରମ୍ପ ପ୍ରଶାସନର କଡା ଆଭିମୁଖ୍ୟକୁ ଦର୍ଶାଉଛି । ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ରହିଛି । ଖୁବ୍ ଶୀଘ୍ର କଟକଣା ଲାଗୁ ହୋଇଥିବା ଦେଶର ଅଧିକାରିକ ସୂଚୀ ଜାରି ହେବାର ସମ୍ଭାବନା ରହିଛି । ଟ୍ରମ୍ପ ପ୍ରଶାସନର ଏକ ବଡ଼ ଟ୍ରାଭେଲ ବ୍ୟାନ୍ ସୂଚୀକୁ ଅନ୍ତିମ ରୂପ ଦେବାରେ ଲାଗିଛି । ଯାହାର ସିଧା ପ୍ରଭାବ ୩୦ରୁ ଅଧିକ ଦିଗ ଉପରେ ପଡିବ । ନ୍ୟୁୟର୍କ ପୋଷ୍ଟର ଏକ ରିପୋର୍ଟ ଅନୁସାରେ, ଟ୍ରମ୍ପ ପ୍ରଶାସନ ଅତି କମ୍ରେ ୩୦ ଦେଶର ନାଗରିକଙ୍କୁ ନିଜର ଅପଡେଟେଡ୍ ଟ୍ରାଭେଲ ବ୍ୟାନ୍ କରିବା ଲିଷ୍ଟରେ ସାମିଲ କରିବାର ଯୋଜନା କରୁଛି । ସୁତ୍ରର କହିବା ଅନୁସାରେ, ଏହି ସଂଖ୍ୟା ଭବିଷ୍ୟତରେ ବଢିପାରେ । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏଭଳି ସମୟରେ ନିଆଯାଇଛି ଯେତେବେଳେ ଆମେରିକା ନିଜର ସୀମା ଓ ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ ଖୁବ୍ ଶକ୍ତ ରହିଛି । ପ୍ରଶାସନିକ ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ,ଏହି ଟ୍ରାଭେଲ ବ୍ୟାନ୍ ଉପରେ ଆଲୋଚନ ଶେଷ ପର୍ଯ୍ୟାୟରେ ରହିଛି । ଆଶା କରାଯାଉଛି ଯେ, ଖୁବ୍ ଶୀଘ୍ର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁବ୍ ଶୀଘ୍ର ଏକ ଆନୁଷ୍ଠାନିକ ଘୋଷଣା କରିବେ ।

# ରିଜର୍ଭେସନ କାଉଣ୍ଟରରେ ତତ୍କାଳ ଟିକେଟ୍ ବୁକିଂ ନିୟମରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଭାରତୀୟ ରେଳବାଇ ଅନଲାଇନ୍ ତତ୍କାଳ ଟିକେଟ୍ ପାଇଁ ନିୟମରେ ପରିବର୍ତ୍ତନ ପରେ ରିଜର୍ଭେସନ କାଉଣ୍ଟରରେ ତତ୍କାଳ ଟିକେଟ୍ ବୁକ୍ କରିବାର ନିୟମ ସଂଶୋଧନ କରିଛି । ରେଳବାଇ ଏବେ ଟିକେଟ୍ କାଉଣ୍ଟରରେ ଓଟିପି ଆଧାରିତ ତତ୍କାଳ ଟିକେଟ୍ କାର୍ଯ୍ୟକାରୀ କରୁଛି । ତତ୍କାଳ ଟିକେଟ୍ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି । ନୂତନ ବ୍ୟବସ୍ଥା ଆଗାମୀ କିଛି ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୫ ନଭେମ୍ବର ୧୭ଠାରୁ ରେଳବାଇ କାଉଣ୍ଟର ଟିକେଟ ବୁକିଂ ପାଇଁ ଓଟିପି ସିଷ୍ଟମର ଏକ ପରୀକ୍ଷଣ ଆରମ୍ଭ କରିଥିଲା । ଯାହା ଏପର୍ଯ୍ୟନ୍ତ ୫୨ଟି ଟ୍ରେନରେ କାର୍ଯ୍ୟକାରୀ



ହୋଇଛି । ବର୍ତ୍ତମାନ ଏହାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଚାଲିଛି । ଏଣିକି କାଉଣ୍ଟରରୁ ତତ୍କାଳ ଟିକେଟ୍ ବୁକ୍ କରୁଥିବା ଯେକୌଣସି ଯାତ୍ରୀ ଫର୍ମରେ ପ୍ରଦାନ କରାଯାଇଥିବା ସେମାନଙ୍କ ମୋବାଇଲ୍ ନମ୍ବରରେ ଏକ ଓଟିପି ପାଇବେ । ଠିକ୍ ଓଟିପି ଦେବା ପରେ ହିଁ ଟିକେଟ୍ ନିଶ୍ଚିତ କରାଯିବ । ରେଳ ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏବେ ରେଳବାଇ ଅନ୍ୟ ସମସ୍ତ ଟ୍ରେନରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛି । ଏହା ତତ୍କାଳ ଟିକେଟର ଅପବ୍ୟବହାରକୁ ରୋକିବା ସହିତ ସହଜରେ ଯାତ୍ରୀମାନେ କିପରି ଟିକେଟ ପାଇପାରିବେ ତାହା ନିଶ୍ଚିତ କରିବେ । ଏହି ପଦକ୍ଷେପ ରେଳବାଇ ଟିକେଟିଂକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଏବଂ ସୁବିଧାଜନକ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବ ବୋଲି ଆଶା ରଖାଯାଇଛି ।

# ରୁଷ-ୟୁକ୍ରେନ ଯୁଦ୍ଧ ୮ ଥର ରୋକିଛି, ହେଲେ ଏହାକୁ ରୋକିବା ସହଜ ନୁହେଁ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି । ୱାଶିଂଟନରେ ଏକ କ୍ୟାବିନେଟ୍ ବୈଠକ ପୂର୍ବରୁ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ କହିଛନ୍ତି ଯେ ଏହି ଯୁଦ୍ଧ ଏକ ଅତ୍ୟନ୍ତ କଷ୍ଟକର ପରିସ୍ଥିତି ଏବଂ ଏହାର ସମାଧାନ କରିବା ସହଜ ହେବ ନାହିଁ । ଟ୍ରମ୍ପ୍ ଦାବି କରିଛନ୍ତି ଯେ ସେ ପୂର୍ବ ଆଠ ଥର ଯୁଦ୍ଧର ସମାଧାନ କରିଛନ୍ତି, ଏବଂ ଏହା ନବମ ହୋଇପାରେ, ଯାହା ସହିତ ତାଙ୍କ ଦଳ ବର୍ତ୍ତମାନ ରୁଷରେ ଆଲୋଚନା କରୁଛି । ଟ୍ରମ୍ପ୍ କହିଛନ୍ତି, ଆମେ ଏହି ଯୁଦ୍ଧ ଶେଷ କରିବାକୁ ଚେଷ୍ଟା କରୁଛୁ । ଆମର ଲୋକମାନେ ବର୍ତ୍ତମାନ ରୁଷରେ ଅଛନ୍ତି ଯେ ଆମେ ଏହାକୁ ସମାଧାନ କରିପାରିବୁ କି ନାହିଁ । କିନ୍ତୁ ଏହା ସହଜ ନୁହେଁ । ପରିସ୍ଥିତି ବହୁତ ଅଶାନ୍ତ । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିର୍ମି ଜେଲେନ୍ସକି ଆୟର୍ଲାଣ୍ଡ ଗସ୍ତ କରୁଥିବା ସମୟରେ ଟ୍ରମ୍ପଙ୍କ ମନ୍ତବ୍ୟ ଆସିଛି । ଡବଲିନରେ ଏକ



କାର୍ଯ୍ୟକ୍ରମ ସମୟରେ, ଜେଲେନ୍ସକି ମଧ୍ୟ ଶାନ୍ତି ଆଲୋଚନା ବିଷୟରେ ସାମାନ୍ୟ ଆଶାବାଦି ଥିବା ପ୍ରକାଶ କରିଛନ୍ତି । ସେ ଜେଲେନ୍ସକି କହିଛନ୍ତି, କିଛି ଆଶା ଅଛି କାରଣ ଆଲୋଚନା ସକାରାତ୍ମକ ରହିଛି ଏବଂ ଆମେରିକା ପକ୍ଷ ଆଗ୍ରହ ଦେଖାଉଛି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମେରିକା କୌଣସି କୂଟନୈତିକ ଆଲୋଚନାରୁ ପଛକୁ ହଟି ନାହିଁ, ଯାହା ଆମ ପାଇଁ ଏକ ଭଲ ସଙ୍କେତ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁରୋପୀୟ ଦେଶମାନଙ୍କୁ ଏକ କଠୋର ଚେତାବନୀ ଦେଇ କହିଛନ୍ତି ଯେ ଯଦି ୟୁରୋପ ରୁଷ ବିରୁଦ୍ଧରେ ଯୁଦ୍ଧ କରିବାକୁ ଚେଷ୍ଟା କରେ, ତେବେ ଏହା ଏତେ ଶୀଘ୍ର ଏବଂ ନିର୍ଣ୍ଣାୟକ ପରାଜୟ ଭୋଗିବ ଯେ ରୁଷ ସହିତ ଆଲୋଚନା କରିବା ପାଇଁ କୌଣସି ପକ୍ଷ ରହିବ ନାହିଁ । ପୁଟିନଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ୟୁରୋପୀୟ ଏବଂ ନାଟୋ ଦେଶମାନଙ୍କଠାରୁ ୟୁକ୍ରେନକୁ ସାମରିକ ସମର୍ଥନ ନିରନ୍ତର ବୃଦ୍ଧି ପାଉଛି । ବର୍ତ୍ତମାନ ସୁଦ୍ଧା, ରୁଷ ୟୁକ୍ରେନର ପ୍ରାୟ ୧୯% ଅଞ୍ଚଳକୁ ଦଖଲ କରିଛି ଯାହା ୨୦୨୩ ତୁଳନାରେ ପ୍ରାୟ ୧% ଅଧିକ୍ୟ ଯଦିଓ ରୁଷ ପୂର୍ବ ଅପେକ୍ଷା ୨୦୨୫ରେ ଦ୍ରୁତ ପ୍ରଗତି କରିଛି, ତଥାପି ଏହା ସମଗ୍ର ୟୁକ୍ରେନକୁ ଦଖଲ କରିବାରେ ବିଫଳ ହୋଇଛି ।

# ଚିନ୍ତା ବଢାଉଛି ଦିଲ୍ଲୀର ବିଷାକ୍ତ ବାୟୁ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଦିନକୁ ଦିନ ବିଷାକ୍ତ ହେଉଛି ରାଜଧାନୀ ବାୟୁ । ସବୁଠାରୁ ପ୍ରଦୂଷିତ ସହର ଭାବେ ଦେଶର ରାଜଧାନୀ ଏକ ଖରାପ ରେକର୍ଡ ମଧ୍ୟ ହାସଲ କରିସାରିଛି । ଏହାକୁ ନେଇ ଲୋକସଭାରେ ମଧ୍ୟ ପ୍ରସଙ୍ଗ ଉଠାଯାଇଛି । ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ପରିସ୍ଥିତି ସମ୍ପର୍କରେ ଉଲ୍ଲେଖ କରି ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ସପା) ସାଂସଦ ସୁପ୍ରିୟା ସୁଲେ ଲୋକସଭାରେ କହିଛନ୍ତି ଯେ ଦିଲ୍ଲୀରେ ବୁଲିବା ଅର୍ଥାତ ଦିନକୁ ୫୦ ସିଗାରେଟ୍ ଟାଣିବା ସହ ସମାନ । ସେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍, ୨୦୨୫ ଉପରେ ଆଲୋଚନା ସମୟରେ ଏହି ମନ୍ତବ୍ୟ ଦେଇଥିଲେ । ସୁଲେ ଏହା ମଧ୍ୟ କହିଛନ୍ତି ଯେ ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ସରକାରଙ୍କୁ ସାଂସଦଙ୍କ ସହଯୋଗ ଲୋଡ଼ିବା ଉଚିତ । ବିଲ୍ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ଶିବସେନା ସାଂସଦ ଅନିଲ ଦେଶାଇ କହିଥିଲେ ଯେ ଲକ୍ଷ ଲକ୍ଷ ଚାଷୀ ଏବଂ ଶ୍ରମିକ ତମାଖୁ ଉତ୍ପାଦନ କ୍ଷେତ୍ରରେ ଜଡିତ ଏବଂ ସେମାନଙ୍କ ଜୀବିକା ବିପଦରେ ପଡ଼ିଛି । ସେ କହିଥିଲେ ଯେ ତମାଖୁ ଏବଂ ପାନ ମସଲା ସେବନ ହ୍ରାସ କରିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରୟାସ କରାଯିବା ଉଚିତ । ଶିବସେନା ସାଂସଦ ରବିନ୍ଦ୍ର ୱାଇକର କହିଲେ ଶିବସେନାର ରବିନ୍ଦ୍ର ୱାଇକର କହିଛନ୍ତି ଯେ ଯୁବପିଢ଼ିଙ୍କୁ ଧୂମପାନରୁ ରକ୍ଷା କରିବା ପାଇଁ ଏହି ବିଲ୍ ଏକ ସର୍ଜିକାଲ୍ ଷ୍ଟ୍ରାଇକ୍ । ରାଜସ୍ୱର ଏକ ବଡ଼ ଅଂଶ କର୍କଟ ହସ୍ପିଟାଲ ଏବଂ ନିଶା ନିବାରଣ କେନ୍ଦ୍ର ନିର୍ମାଣରେ ଖର୍ଚ୍ଚ କରିବାକୁ ସେ ଅନୁରୋଧ କରିଛନ୍ତି । ଭାରତୀୟ ଜନତା ପାର୍ଟି (ବିଜେପି) ସାଂସଦ ଅରୁଣ ଗୋଭିଲ କହିଛନ୍ତି ଯେ ନିଶା ହ୍ରାସ କରିବାର ଆବଶ୍ୟକତା ଅଛି ଏବଂ ଏହି ବିଲ୍ ସେହି ଦିଗରେ ସାହାଯ୍ୟ କରିବ ।

# ସଞ୍ଚାର ସାଥୀ ଆପ୍ ସ୍ମାର୍ଟଫୋନରେ ପ୍ରି-ଇନଷ୍ଟଲ୍ ହେବ ନାହିଁ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ସଂସଦର ଶୀତକାଳୀନ ଅଧିବେଶନରେ ସଞ୍ଚାର ସାଥୀ ଆପ୍ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ପରେ, ସରକାର ଆପ୍ ପୂର୍ବରୁ ସଂସ୍ଥାପିତ ହେବା ଆବଶ୍ୟକ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି । ରିପୋର୍ଟ ଅନୁସାରେ,ସଞ୍ଚାର ସାଥୀର ବର୍ଦ୍ଧିତ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି, ସରକାର ଏବେ ମୋବାଇଲ୍ ଫୋନ୍ ନିର୍ମାତାଙ୍କ ପାଇଁ ବାଧ୍ୟତାମୂଳକ ପ୍ରି-ଇନଷ୍ଟଲେସନ୍ ଆବଶ୍ୟକତାକୁ



ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି । ନିର୍ଦ୍ଦେଶନାମାକୁ ନେଇ ଦୁଇ ଦିନ ଧରି ଲାଗି ରହିଥିବା ବିବାଦ ପରେ ଏହି ନିଷ୍ପତ୍ତି ଆସିଛି । ଯାହାକୁ ନେଇ ଗୋପନୀୟତା ବିବାଦ ସୃଷ୍ଟି ହୋଇଥିଲା । ସରକାର ପ୍ରି-ଇନଷ୍ଟଲେସନ୍ ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରିଛନ୍ତି, କାରଣ ବହୁ ସଂଖ୍ୟକ ବ୍ୟବହାରକାରୀ ଆପକୁ ଡାଉନଲୋଡ୍ କରୁଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ୬୦୦,୦୦୦ ରୁ ଅଧିକ ଡାଉନଲୋଡ୍ ରେକର୍ଡ କରାଯାଇଛି । ସରକାରଙ୍କ ଅନୁଯାୟୀ, ଏହି ସାଇବର ସୁରକ୍ଷା ଆପର ପ୍ରସାରକୁ ତ୍ୱରାନ୍ୱିତ କରିବା ଏବଂ ସର୍ବାଧିକ ଲୋକଙ୍କ ପାଖରେ ଏହାର ପହଞ୍ଚକୁ ସୁନିଶ୍ଚିତ କରିବା ପାଇଁ ପ୍ରାରମ୍ଭିକ ଭାବରେ ପ୍ରି-ଇନଷ୍ଟଲେସନ୍ ଆବଶ୍ୟକତା ଆରମ୍ଭ କରାଯାଇଥିଲା ।କେନ୍ଦ୍ର ସରକାର ଆପଲ୍ ଭଳି ବିଶ୍ୱସ୍ତରୀୟ କମ୍ପାନୀ ସମେତ ସମସ୍ତ ସ୍ମାର୍ଟଫୋନ୍ ନିର୍ମାତାଙ୍କୁ ଭାରତରେ ବିକ୍ରି ହେଉଥିବା ପ୍ରତ୍ୟେକ ନୂତନ ଫୋନରେ ଆପ୍ ପ୍ରି-ଇନଷ୍ଟଲେସନ୍ କରିବାକୁ ନିର୍ଦ୍ଦେଶ ଦେବା ପରେ ସଞ୍ଚାର ସାଥୀ ଆପ୍ ନେଇ ବିବାଦ ଆରମ୍ଭ ହୋଇଥିଲା । ରିପୋର୍ଟ ଅନୁଯାୟୀ, କିଛି କମ୍ପାନି ଏହି ନିର୍ଦ୍ଦେଶକୁ ଆଇନଗତ ଭାବରେ ଚ୍ୟାଲେଞ୍ଜ କରିବାକୁ ପ୍ରସ୍ତୁତ ହେଉଥିଲେ, କାରଣ ନିର୍ଦ୍ଦେଶନାମାରେ ଏହା ମଧ୍ୟ କୁହାଯାଇଥିଲା ଯେ, ଆପ୍ ଅପସାରିତ ହୋଇପାରିବ ନାହିଁ କିମ୍ବା ସହଜରେ ଡିଜେବୁଲ୍ କରାଯାଇପାରିବ ନାହିଁ । ବିରୋଧୀ ଦଳ, ଡିଜିଟାଲ୍ ଅଧିକାର କର୍ମୀ ଏବଂ ନାଗରିକ ସମାଜ ଗୋଷ୍ଠୀଗୁଡ଼ିକ ଆପର ପ୍ରି-ଇନଷ୍ଟଲେସନ୍ ବିରୋଧରେ ଏକ ଅଭିଯାନ ଆରମ୍ଭ କରିଥିଲେ । ସେମାନେ ଯୁକ୍ତି ଦେଇଥିଲେ ଯେ, ସମସ୍ତ ଡିଭାଇସରେ ଏକ ସରକାରୀ ଆପକୁ ବାଧ୍ୟତାମୂଳକ କରିବା ନାଗରିକଙ୍କ ଗୋପନୀୟତା ଅଧିକାର ଉପରେ ସିଧାସଳଖ ଆକ୍ରମଣ ।

# ପରାଜୟ ଏପରି ହେବ ଯେ ଶାନ୍ତି ଚୁକ୍ତି ପାଇଁ କେହି ରହିବେ ନାହିଁ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଭାରତ ଗସ୍ତରେ ଆସିବା ପୂର୍ବରୁ ୟୁରୋପକୁ ସିଧାସଳଖ ଭାବେ ଟାର୍ଗେଟ କରିଛନ୍ତି । ମସ୍କୋରେ ଆୟୋଜିତ ଏକ ନିବେଶ କାର୍ଯ୍ୟକ୍ରମରେ ପୁଟିନ୍ କହିଛନ୍ତି, ୟୁରୋପୀୟ ଦେଶଗୁଡ଼ିକ ଜାଣିଶୁଣି ୟୁକ୍ରେନ୍ ଶାନ୍ତି ଆଲୋଚନାରେ ବାଧା ସୃଷ୍ଟି କରୁଛନ୍ତି । ଯୁଦ୍ଧ ଶେଷ ହେବା ଦିଗରେ ପାଶ୍ଚାତ୍ୟ ଦେଶଗୁଡ଼ିକ ପକ୍ଷରୁ କୌଣସି ସକାରାତ୍ମକ ମନୋଭାବ ଦେଖାଯାଉ ନାହିଁ । ଆମେରିକା ନେତୃତ୍ୱରେ ଶାନ୍ତି ଆଲୋଚନା ସାମାନ୍ୟ ଆଗେଇ ଥିଲେ ହେଁ ୟୁରୋପୀୟ ଦେଶଗୁଡ଼ିକ ଜାଣିଶୁଣି ଶାନ୍ତି ପ୍ରସ୍ତାବରେ ଏଭଳି କିଛି ପରିବର୍ତ୍ତନ କରିଛନ୍ତି ଯାହାକୁ ରୁଷ୍ କେବେ ସ୍ୱୀକାର କରିପାରିବ ନାହିଁ । ପୁଟିନ୍ ଆହୁରି କହିଛନ୍ତି, ୟୁରୋପୀୟ ଦେଶ ଶାନ୍ତି ଚାହାନ୍ତି ନାହିଁ । ବରଂ ଯୁଦ୍ଧ ଆଡ଼କୁ ବଢୁଛନ୍ତି । ଯଦି ୟୁରୋପ ଯୁଦ୍ଧ ଚାହେଁ ତେବେ ରୁଷ୍ ବି ପ୍ରସ୍ତୁତ । ୟୁରୋପ ଏପରି ପ୍ରସ୍ତାବ ସହ ଆଗକୁ ବୁଢ଼ିଛି ଯାହା ରୁଷ୍ ହିତ ବିରୋଧୀ । ତୁମେ ଯଦି ଯୁଦ୍ଧ ଚାହୁଁଛ ତେବେ ରୁଷ ତୁମକୁ ପରାସ୍ତ କରିବ । ପରାଜୟ ଏପରି ହେବ ଯେ ଶାନ୍ତି ଚୁକ୍ତି ନେଇ ଆଲୋଚନା ପାଇଁ କେହି ରହିବେ ନାହିଁ । ୟୁରୋପର ବାସ୍ତବ ଉଦ୍ଦେଶ୍ୟ ଯୁଦ୍ଧ ବନ୍ଦ କରିବା



ନୁହେଁ ବରଂ ରୁଷର ପତନ କରାଇବା । ୟୁରୋପ ରୁଷ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ରଣନୀତି ବନାଉଛି । କିନ୍ତୁ ବାସ୍ତବରେ ଯୁଦ୍ଧ ଅଧିକ ଲମ୍ବିବାର ମୂଳ କାରଣ ହେଉଛି ୟୁରୋପ । ୟୁରୋପ ଜାଣିଶୁଣି ଶାନ୍ତି ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି ଏବଂ ଦୁନିଆକୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି । ଚୀନ୍ ଏବଂ ଭାରତ ସହ ସମ୍ପର୍କକୁ ନେଇ ପୁଟିନ୍ କହିଛନ୍ତି, ଏହି ଦୁଇ ଦେଶ ସହ ରୁଷ୍ ସହଭାଗିତାକୁ ବହୁ ଉଚ୍ଚକୁ ନେବାକୁ ଚାହେଁ । ଶକ୍ତି, ଶିଳ୍ପ, ମହାକାଶ, କୃଷି ସମେତ ଅନ୍ୟ ପ୍ରମୁଖ କ୍ଷେତ୍ରରେ ଅନେକ ଯୁଗ୍ମ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ଉଦ୍ୟମ ଜାରି ଅଛି । ଚୀନ୍ ରାଷ୍ଟ୍ରପତି ସି ଜିନ୍ପିଙ୍ଗଙ୍କ ସହ ଏ ବାବଦରେ ଆଲୋଚନା ଚାଲିଛି । ଭାରତ ଗସ୍ତବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏହି ପ୍ରସଙ୍ଗରେ ସେ ବିସ୍ତୃତ ଭାବେ ଆଲୋଚନା କରିବେ । ରୁଷ୍ ବଜାରରେ ଭାରତୀୟ ସାମଗ୍ରୀ ଅଧିକ ମାତ୍ରାରେ ଉପଲବ୍ଧ କରାଯିବା ଲାଗି ମଧ୍ୟ ଉଦ୍ୟମ କରାଯାଉଛି ।

# ମୋତେ ହତ୍ୟା କରିବା ଛଡ଼ା ଆଉ କୌଣସି ବିକଳ୍ପ ନାହିଁ: ଇମ୍ରାନ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ରାୱଲପିଣ୍ଡିର ଆଦିଆଲା ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ଅନେକ ପ୍ରକାର ଖବର ସୋସିଆଲ ମିଡିଆରେ ଘୁରି ବୁଲୁଥିଲା । ଏଭଳି ସମୟରେ ଗତମଙ୍ଗଳବାର ଜେଲରେ ଇମ୍ରାନଙ୍କୁ ଭେଟିବା ପାଇଁ ଭଉଣୀ ଉଜମା ଖାନଙ୍କୁ ଅନୁମତି ମିଳି ଯାଇଥିଲା । ଅନେକ ଉଦ୍ୟମ ପରେ ଭାଇଙ୍କୁ ଭେଟିବା ପାଇଁ ଅନୁମତି ମିଳିବା ପରେ ଜେଲ ଭିତରକୁ ଖୁବ ଖୁସିରେ ଧାଇଁ ଯାଇଥିଲେ ଉଜମା । ୨୦-୨୫ ମିନିଟର ସାକ୍ଷାତକାରରେ ଇମ୍ରାନ ଖାନଙ୍କ ଅବସ୍ଥା ଦେଖି କାନ୍ଦି ପକାଇଥିଲେ ଭଉଣୀ । ଜେଲ ଭିତରୁ ଭଉଣୀ ନିକଟରେ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିର ଏବଂ ଗୁଇନ୍ଦା ସଂସ୍ଥା ଆଇଏସଆଇ ବିରୋଧରେ ଗମ୍ଭୀର ଅଭିଯୋଗ କରିଛନ୍ତି ଇମ୍ରାନ । ଏଥିସହିତ ଇମ୍ରାନ ଅସୀମ ମୁନିରଙ୍କୁ ମାନସିକ ରୋଗୀ ଏବଂ ଇତିହାସର ସବୁଠାରୁ ନିଷ୍ଠୁର ଏକଛତ୍ରବାଦୀ ବୋଲି ବର୍ଣ୍ଣନା କରିଛନ୍ତି । ଇମ୍ରାନ ଖାନ ଭଉଣୀ ଆଗରେ ଭାବବିହ୍ୱୋଳ ହୋଇ କହିଛନ୍ତି, ମୋତେ ଏକ କୋଠରିରେ ବନ୍ଦ କରି ଏକାକୀ ରଖାଯାଇଛି । ଉକ୍ତ କୋଠରି ଖୁବ ଗରମ । ତା' ସହିତ ୫ଦିନ ହେବ ସେଠାରେ ବିଦ୍ୟୁତ ବି ନଥିଲା । ଚାରି ସପ୍ତାହ ଧରି, ମୋତେ କାହାକୁ ଭେଟିବାକୁ ଅନୁମତି ଦିଆଯାଇନାହିଁ । ମୋତେ ଜେଲରେ ଉପଲବ୍ଧ ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ କରାଯାଇଛି । ମୋତେ ହତ୍ୟା କରିବା ବ୍ୟତୀତ ସେନା ପାଖରେ ଆଉ କୌଣସି ବିକଳ୍ପ ନାହିଁ ।

## ମହିଳାଙ୍କ ପାଇଁ ସୁପ୍ରିମକୋର୍ଟର ବଡ ନିର୍ଦ୍ଦେଶନାମା

# ଛାଡପତ୍ର ପରେ ଫେରାଇବେ ଯୌତୁକ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ମଙ୍ଗଳବାର ଦିନ ସୁପ୍ରିମକୋର୍ଟ ଛାଡପତ୍ର ଏବଂ ଯୌତୁକ ଉପରେ ଏକ ଐତିହାସିକ ରାୟ ଦେଇଛନ୍ତି । କୋର୍ଟ ରାୟ ଦେଇଛନ୍ତି ଯେ ଜଣେ ଛାଡପତ୍ରପ୍ରାପ୍ତ ମୁସଲିମ ମହିଳା ବିବାହ ସମୟରେ ତାଙ୍କ ସ୍ୱାମୀଙ୍କ ଘରକୁ ନେଇଥିବା ନଗଦ, ସୁନା, ଅଳଙ୍କାର ଏବଂ ଅନ୍ୟାନ୍ୟ ଉପହାରକୁ ଫେରି ପାଇପାରିବେ । କୋର୍ଟ ଏହି ଉପହାରଗୁଡ଼ିକୁ ମହିଳାଙ୍କ ନିଜସ୍ୱ ସମ୍ପତ୍ତି ଭାବରେ ଘୋଷଣା କରିଛନ୍ତି । ବିବାହ ବିଚ୍ଛେଦ ହେବା ପରେ ସେଗୁଡ଼ିକୁ ତାଙ୍କୁ ଫେରାଇ ଦିଆଯିବ । ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଶୁଣାଣି କରିଛନ୍ତି । ଏହି ମାମଲା ପଶ୍ଚିମବଙ୍ଗର ରୋଶନାରା ବେଗମଙ୍କ ସହିତ ଜଡିତ । ଯିଏ ଅଗଷ୍ଟ ୨୦୦୫ରେ ବିବାହ କରିଥିଲେ । ବିବାହର କିଛି ଦିନ ପରେ ଉଭୟ ଦମ୍ପତ୍ତିଙ୍କ ସମ୍ପର୍କ ଖରାପ ହୋଇଗଲା । ଫଳରେ ସେ ମେ ୨୦୦୯ ରେ ସେ ତାଙ୍କ ଶ୍ୱଶୁର ଘର ଛାଡି ତାଙ୍କ ବାପାମାଆଙ୍କ ଘରକୁ ଆସି ରହିବାକୁ ଲାଗିଲେ । ପରେ ଡିସେମ୍ବର ୨୦୧୧ ରେ ଛାଡପତ୍ର ଦାୟର କରାଯାଇଥିଲା । ଛାଡପତ୍ର ପରେ ୧୯୮୬ ଆଇନର ଧାରା ୩ ଅନୁଯାୟୀ ମହିଳା ଜଣଙ୍କ ୧୭,୬୭,୯୮୦ ନଗଦ ଟଙ୍କା ଏବଂ ୩୦ ଭରି ସୁନା ଅଳଙ୍କାର ଫେରସ୍ତ କରିବା ପାଇଁ ଦାବି କରିଥିଲେ । ରୋଶନାରା ଦାବି କରିଥିଲେ ଯେ, ତାଙ୍କ ବାପା ବିବାହ ସମୟରେ ତାଙ୍କ ସ୍ୱାମୀଙ୍କୁ ଯେଉଁ ସୁନା ଏବଂ ଅଳଙ୍କାର ଦେଇଥିଲେ ତାହା କବିଲନାମା (ନିକାହ ରେଜିଷ୍ଟର)ରେ ମଧ୍ୟ ରେକର୍ଡ ହୋଇଥିଲା । କିନ୍ତୁ ସଂପୃକ୍ତ ସ୍ୱାମୀ କାଜି ଏବଂ ପିତାଙ୍କ ବୟାନ ମଧ୍ୟରେ ସମାନତା ନ ରହିବାରୁ କଲିକତା ହାଇକୋର୍ଟ ରୋଶାନାରାଙ୍କ ଏହି ଦାବିକୁ ଖାରଜ କରିଦେଇଥିଲେ । ରୋଶାନାରାଙ୍କ ସ୍ୱାମୀ କାଜି କହିଥିଲେ ଯେ ,ଯୌତୁକର ପରିମାଣ ରେଜିଷ୍ଟରରେ ରେକର୍ଡ କରାଯାଇଥିଲା । ଏହା କିନ୍ତୁ କାହାକୁ ଦିଆଯାଇଥିଲା ତାହା ସେ ଦେବା ସମୟରେ ଉଲ୍ଲେଖ କରିନଥିଲେ । ଅପରପକ୍ଷରେ ଛାଡପତ୍ର ପରେ ଦାୟର ହୋଇଥିବା ଏକ ମାମଲାରେ ପିତା ଏହି ଟଙ୍କା ଏବଂ ଅଳଙ୍କାର ତାଙ୍କ ଜ୍ୱାଇଁଙ୍କୁ ଦେଇଥିବା କଥା କହିଥିଲେ ।ଏହି ମାମଲା ସଂପର୍କରେ ଶୁଣାଣି କରିବାକୁ ଯାଇ କୋର୍ଟ କହିଛନ୍ତି,ଅଦାଲତ ହେଉଛି ଏପରି ପ୍ରତିଷ୍ଠାନ ଯାହା ସମାନତା, ମର୍ଯ୍ୟାଦା ଏବଂ ସ୍ୱାୟତ୍ତତାର ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରେ । ତେଣୁ ଆଇନକୁ ସାମାଜିକ ନ୍ୟାୟର ଭାବନା ସହିତ ବ୍ୟାଖ୍ୟା କରାଯିବା ଉଚିତ । କୋର୍ଟ ୧୯୮୬ ଆଇନର ଧାରା ୩(୧)(N)ର ଏକ ବ୍ୟାପକ ବ୍ୟାଖ୍ୟା କରି କହିଛନ୍ତି ଯେ,ଏହି ଆଇନର ଉଦ୍ଦେଶ୍ୟ ହେଉଛି ଜଣେ ଛାଡପତ୍ରପ୍ରାପ୍ତ ମୁସଲିମ ମହିଳାଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଓ ସରଳ ଭାବରେ କହିବାକୁ ଗଲେ ଜଣେ ଛାଡପତ୍ରପ୍ରାପ୍ତ ମୁସଲିମ ମହିଳାଙ୍କୁ ବିବାହ ପୂର୍ବରୁ, ବିବାହ ସମୟରେ କିମ୍ବା ବିବାହ ପରେ ତାଙ୍କ ସମ୍ପର୍କୀୟ, ବନ୍ଧୁ, ସ୍ୱାମୀ କିମ୍ବା ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ଉପହାର, ଅଳଙ୍କାର, ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ଜିନିଷପତ୍ର ଫେରସ୍ତ କରିବାର ଅଧିକାର ରହିଛି । ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଆଜି ମଧ୍ୟ ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ମହିଳାମାନେ ଏହିପରି ଅନେକ ଭେଦଭାବ ଏବଂ ଆର୍ଥିକ ନିର୍ଭରଶୀଳତାର ସମ୍ମୁଖୀନ ହୁଅନ୍ତି, ତେଣୁ କୋର୍ଟର ଭୂମିକା ଏଥିପ୍ରତି ସମ୍ବେଦନଶୀଳ ହେବା ଉଚିତ ।

# ଅନୁଗୋଳରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ -୨୦୨୫ ପାଳିତ



ଅନୁଗୋଳ,୩।୧୨(ନି.ପ୍ର.): ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା ସଭାଘର ଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ -୨୦୨୫ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଭିନ୍ନକ୍ଷମମାନଙ୍କୁ ନେଇ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା । ଏହି ପଦଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏବଂ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାପରେ ଆୟୋଜିତ ସାଧାରଣ ସଭାରେଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କିପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସରକାରୀ ଆଇନ୍‌ଜୀବୀ ପରମାନନ୍ଦ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ବିଭିନ୍ନ ବିଦ୍ୟାଳୟରୁ ଯୋଗ ଦେଇଥିବା ଭିନ୍ନକ୍ଷମ ଏବଂ ସାଧାରଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତକରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି,ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜୟଜିତ୍ ଧଳ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ରଙ୍କ ସମେତ ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିପ୍ରମୁଖ ଉପସ୍ଥିତ ଥିଲେ ।

# ରେକର୍ଡ ସଂଖ୍ୟକ ପଣ୍ୟ ପରିଚ୍ଳାଳନା କରି ଓଏସଏଲର ଐତିହାସିକ ସଫଳତା

ପାରାଦୀପ,୩।୧୨(ମନ୍ଥନ) ପଣ୍ୟ କାରବାର ରେ ସ୍ୱତନ୍ତ୍ରତା ବଜାଇ ରଖିଥିବା ଅଗ୍ରଣୀ ଷ୍ଟିଭେଡୋର୍ସ ସଂସ୍ଥା ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସଏଲ) ପାରାଦୀପ ବନ୍ଦରର ସମସ୍ତ ୬ ଗୋଟି ମାନୁଆଲ ବର୍ଥରେ ଗୋଟିଏ ଦିନରେ ରେକର୍ଡ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ ପରିଚ୍ଳାଳନା କରି ଐତିହାସିକ ସଫଳତା ସୃଷ୍ଟି କରିଛି । ପାରାଦୀପ ବନ୍ଦରର ସିକ୍ୟୁ-୧ ବର୍ଥରେ ଲାଗିଥିବା ଲାଇମ୍ ଷ୍ଟୋନ୍ ବୋଝେଇ ଜାହାଜ ଏମ୍.ଭି. ମେଟାଲ ଷ୍ଟାର, ସିକ୍ୟୁ-୩ ବର୍ଥରେ ଆମୋନିଆ ନାଇଟ୍ରେଟ୍ ନେଇ ଆସିଥିବା ଏମ୍.ଭି. ରୋଷ୍ଟରମ୍ ସାଓପାଓଲ, ଏମ୍‌ପିବି ବର୍ଥରେ ଲାଗିଥିବା ଲାଇମ୍ ଷ୍ଟୋନ୍ ପଣ୍ୟବାହୀ ଜାହାଜ ଏମ୍.ଭି. ଆମ୍‌ସିଷ୍ଟାଲିଅନ୍, ଏସ୍‌କ୍ୟୁ ବର୍ଥରେ ଲାଇମ୍ ଷ୍ଟୋନ୍ ବୋଝେଇ ଏମ୍.ଭି. ଜିସିଏଲ୍ ଯମୁନା, ଏନ୍‌କ୍ୟୁ-୩ ବର୍ଥରେ ଜିପ୍‌ସମ୍ ଏମ୍.ଭି. ଦୃଷ୍ଟି ରୁ ପଣ୍ୟ ଖଲାସ କରାଯାଇଥିଲା । ସେହିପରି ସିକ୍ୟୁ-୨ ବର୍ଥରେ ଲାଗିଥିବା ଏମ୍.ଭି. ଏସ୍‌ଏଲ୍‌ଏସ୍ ପୋଲାରରେ ମିଲ୍‌ସ୍କେଲ୍ ପଣ୍ୟ ବୋଝେଇ କରାଯାଇଥିଲା । ସେହିଭଳି ଡିସେମ୍ବର ୧ରେ ମଧ୍ୟ ଦୁଇଟି ମେକାନିକାଲ ବର୍ଥ ଏଫ୍‌ବି-୧



ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମ୍.ଭି. ଆମ୍‌ସି ଷ୍ଟାଲିଅନ୍ ଜାହାଜରୁ ଲାଇମ୍ ଷ୍ଟୋନ୍ ଓ ଏଫ୍-୨ ବର୍ଥରେ ଲାଗିଥିବା ପଣ୍ୟବାହୀ ଜାହାଜ ଏମ୍.ଭି. ପୋଲାଷ୍ଟାରରୁ ସଲଫର ମଧ୍ୟ ଖଲାସ କରାଯାଇଥିଲା ।

ସୂଚନାଥାଉକି, ପାରାଦୀପ ବନ୍ଦରରେ ବିଗତ ଆର୍ଥିକ ବର୍ଷ ଗୁଡ଼ିକରେ ସର୍ବାଧିକ ପଣ୍ୟ ବୋଝେଇ ଓ ଖଲାସ କାର୍ଯ୍ୟ କରି ଓଏସଏଲ କ୍ରମାଗତ ସର୍ବଶ୍ରେଷ୍ଠ ଷ୍ଟିଭେଡୋର୍ସ ସମ୍ମାନ ବିଗତ ବର୍ଷ ମାନଙ୍କରେ ପାଇ ଆସୁଅଛି । ଚଳିତ ବର୍ଷ ତା୨୬.୦୬.୨୦୨୫ ରିଖରେ ୨୪ ଘଣ୍ଟା ମଧ୍ୟରେ ସିକ୍ୟୁ-୧ ବର୍ଥରେ ଏମ୍.ଭି. ଟେଲ୍‌ଓ୍ୱିଣ୍ଡିସ୍ ଜାହାଜରୁ ୫୦,୪୪୦ ମେଟ୍ରିକ୍ ଟନ୍ ଷ୍ଟିମ୍ କୋଲ୍ ଖଲାସ କରି ଓଏସଏଲ ଏକ ବିରଳ ଇତିହାସ ସୃଷ୍ଟି କରିଥିଲା । ତେବେ ପାରାଦୀପ ବନ୍ଦର ପଣ୍ୟ ପରିଚ୍ଳାଳନ କ୍ଷେତ୍ରରେ ଦେଶର ଏକ ନମ୍ବର ହେବାରେ ଓଏସଏଲ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଦେଶ ତଥା ରାଜ୍ୟ ର ଅର୍ଥନୈତିକ ଅଭିବୃଦ୍ଧି ରେ ବେଶ ସହାୟକ ହୋଇ ଆସୁଅଛି । ଅନ୍ୟପକ୍ଷରେ ଏହି ଐତିହାସିକ ସଫଳତା ପଛରେ ଓଏସଏଲ ର ଅଫିସର, କର୍ମଚ୍ଳାରୀ ଓ ସହଯୋଗୀ ମାନଙ୍କ ଅବଦାନ ଅତୁଳନୀୟ ବୋଲି ଓଏସଏଲ ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର ଓ କମ୍ପାନୀ ନିର୍ଦ୍ଦେଶକ ଚ୍ଳର୍ଚ୍ଚିତ ମିଶ୍ର କହିଥିଲା ବେଳେ ସମସ୍ତଙ୍କର ଉତ୍ତୋରତ୍ତର କାମନା କରିଛନ୍ତି । ତେବେ ପାରାଦୀପ ବନ୍ଦର ପଣ୍ୟ କାରବାର ଅଭିବୃଦ୍ଧିରେ ଓଏସଏଲ ତାର ଉତ୍କର୍ଷ ପ୍ରୟାସ ଏହିପରି ଜାରି ରଖିବ ବୋଲି କମ୍ପାନୀ ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ର କହିଛନ୍ତି ।

# ସାଇବର ଅପରାଧ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କର୍ମଶାଳା



ଅନୁଗୁଳ : ଆଜି ପୂର୍ବାହ୍ନରେ ବେଟି ବଚ୍ଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧୀନରେ ଏକ କର୍ମଶାଳା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ମୀରା ଗଡନାୟକ୍, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା , ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ବଡହିଂସର ସରପଞ୍ଚ ହୃଷିକେଶ ପ୍ରଧାନ, ଶଙ୍ଖପୁର ସରପଞ୍ଚ ଶ୍ରୀମତୀ ଜ୍ୟୋତିର୍ମୟୀ ଦେହୁରୀ, ଉପଖଣ୍ଡ ସୂଚ୍ଳନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ସନମସ୍ମିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ନିରୂପମା ପାଣିଙ୍କ ସହ ଜିଲ୍ଲାର ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ କିଶୋର ବାଳିକା ମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ସାଇବର୍ ଏକ୍ସପର୍ଟ ଆଇ.ଆଇ.ସି ଶ୍ରୀ ଖଳେଶ୍ୱର ସେଠୀ ଏବଂ ସହଯୋଗୀ ଶ୍ରୀ ଅଶ୍ୱିନ କାନ୍ତ ସାହୁ 'ଅନଲାଇନ ସୁରକ୍ଷା ଓ ସାଇବର ଅପରାଧ ' ଉପରେ ବିଶଦ ଭାବରେ ଅବଗତ କରାଇଥିଲେ ଓ କିପରି ଏହି ସାଇବର ଠକେଇରୁ ରକ୍ଷା ପାଇପାରିବେ ସେ ବିଷୟରେ ବିଶେଷକରି ଉପସ୍ଥିତ କିଶୋରୀ ବାଳିକାମାନଙ୍କୁ ସଚେତନ କରାଇଥିଲେ । ପରିତ୍ୟକ୍ତ ଶିଶୁ କନ୍ୟାର ସୁରକ୍ଷିତ ଉଦ୍ଧାର ତଥା ନ୍ୟାୟଗତ ପୋଷ୍ୟସନ୍ତାନ ଗ୍ରହଣ ଉପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କହିଥିଲେ । ମିଶନ ହବର ସମସ୍ତ କର୍ମକର୍ତ୍ତାଗଣ ଏହି କର୍ମଶାଳା କୁ ପରିଚ୍ଳାଳନା କରିଥିଲେ ।

# 'ଜିନ୍ଦଲ ଆଶା' ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ

ଅନୁଗୁଳ,୩।୧୨(ନି.ପ୍ର.): ଦିବ୍ୟାଙ୍ଗ ପିଲାଙ୍କ ଯତ୍ନ, ଚ୍ଳିକିତ୍ସା ଏବଂ ଶିକ୍ଷା ପାଇଁ ଉତ୍ସର୍ଗୀକୃତ ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ 'ଜିନ୍ଦଲ ଆଶା' ପକ୍ଷରୁ ସୁବ୍ୟବସ୍ଥିତ ଏବଂ ଆକର୍ଷଣୀୟ ଢଙ୍ଗରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୫ ପାଳିତ ହୋଇଯାଇଛି ।



ଏହି ଅବସରରେ ଜିନ୍ଦଲ ଆଶାର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ, ଯେଉଁଥିରେ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଏବଂ ପାରମ୍ପରିକ ନୃତ୍ୟ ସମେତ ଫ୍ୟାନ୍ସି ଡ୍ରେସ୍ ସାମିଲ ଥିଲା । ଏହି ଅବସରେ ଏକ ସାମାଜିକ ସଚେତନତାଧର୍ମୀ ନାଟକ ପ୍ରଦର୍ଶିତ ହୋଇଥିଲା, ଏଥିରେ ଦିବ୍ୟାଙ୍ଗ ପ୍ରତି ସମ୍ବେଦନଶୀଳ ଓ ସହାନୁଭୂତି ପୂର୍ଣ୍ଣ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି ଅବସରରେ 'ଜିନ୍ଦଲ ଆଶା' ପକ୍ଷରୁ ଜିନ୍ଦଲ ନଗର ଟାଉନସିପରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଦିବ୍ୟାଙ୍ଗ ପ୍ରତି ଜାଗରଣ ସୃଷ୍ଟି କରିବା ଏବଂ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା ।ସରକାରଙ୍କ ଦ୍ୱାରା ସମର୍ଥିତ ସୁବିଧା ପ୍ରକ୍ରିୟାର ଏକ ଅଂଶ ସ୍ୱରୂପ, ଯୋଗ୍ୟ ହିତାଧିକାରୀମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ଏବଂ ପିଲାମାନଙ୍କୁ ଜିନ୍ଦଲ ଆଶା ପକ୍ଷରୁ ଅନୁଷ୍ଠିତ ହୋଇଥିବା ଚ୍ଳତୁର୍ଥ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ । ଯାହା ଏହି ଦିବସକୁ ଆକର୍ଷଣୀୟ, ସମାବେଶୀ ଏବଂ ସ୍ମରଣୀୟ ଭାବରେ ପାଳନ କରିବାରେ ସାହାଯ୍ୟ କରିଥିଲା ।

# ୫ଶିକାରୀ ଗିରଫ

ନୀଳଗିରି,୩।୧୨: ଅଭୟାରଣ୍ୟରେ ଭୟ କରୁଛନ୍ତି ବନ୍ୟଜନ୍ତୁ। ଏକଦା ଯେଉଁ ଘଞ୍ଚ ଜଙ୍ଗଲକୁ ଲୋକେ ଭୟ କରୁଥିଲେ, ତାହା ଆଜିର ଦିନରେ ଅନେକ ପରିବର୍ତ୍ତନ ହୋଇଛି। ଅଭୟାରଣ୍ୟକୁ ?ଅତୀତରେ ମଣିଷ ପ୍ରବେଶ କରିବା ପାଇଁ ଭୟ କରୁଥିଲା ବେଳେ ବର୍ତ୍ତମାନ ପରିସ୍ଥିତିରେ ଓଲଟା ଦେଖାଯାଉଛି। ବନ୍ୟପ୍ରାଣୀ ଆଉ ସୁରକ୍ଷିତ ମନେ କରୁନାହାନ୍ତି। ରାଜ୍ୟ ସରକାର ଏବଂ ବନ ବିଭାଗ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଏକାଧିକ ପଦକ୍ଷେପ ନେଇଥିଲେ ମଧ୍ୟ ଏହାକୁ ଖାତିର କରୁନାହାନ୍ତି ପଶୁ ଶିକାରୀ। ବାଲେଶ୍ୱର ଓ ମୟୂରଭଂଜ ଜିଲ୍ଲା ସଂଲଗ୍ନ କୁଳଡିହା ଅଭୟାରଣ୍ୟରେ ଅବାଧ ଶିକାର ଚ୍ଳାଲିଛି। ବନ ବିଭାଗ ଅତର୍କିତ ଚ୍ଳଢ଼ଉ କରି ୫ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ସେମାନଙ୍କର ଠାରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ କରିଛି।

# ବିଶ୍ୱ ଅସ୍ଥିରତା ମଧ୍ୟରେ ଭାରତର ଆର୍ଥିକ ମୂଳଦୁଆ ଦୃଢ଼ ରହିଛି : ଡକ୍ଟର ପି.କେ. ମିଶ୍ର

ନୂଆଦିଲ୍ଲୀ,୩।୧୨(ପିଆଇବି): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚ୍ଚିବ ଡକ୍ଟର ପି.କେ. ମିଶ୍ର ଆଜି ଧାନବାଦସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସ)ର ଶତବାର୍ଷିକୀ ପ୍ରତିଷ୍ଠା ସପ୍ତାହରେ ଉଦଘାଟନୀ ଅଭିଭାଷଣ ରଖିଛନ୍ତି । ଶିକ୍ଷକ, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ଅତିଥିମାନଙ୍କୁ ସମ୍ବୋଧିତ କରି ଡକ୍ଟର ମିଶ୍ର କହିଥିଲେ, ୨୦୪୭ ସୁଦ୍ଧା ଭାରତର ବିକଶିତ ଭାରତ ଲକ୍ଷ୍ୟ ହାସଲ ଯାତ୍ରାରେ ଆଇଆଇଟି ଧାନବାଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।ଏହି ଅବସରରେ ଆଇଆଇଟି (ଆଇଏସଏମ) ଧାନବାଦ ପକ୍ଷରୁ ଡକ୍ଟର ପି.କେ ମିଶ୍ରଙ୍କୁ ଡକ୍ଟରେଟ୍ ଅଫ୍ ସାଇନ୍ସ ଉପାଧିରେ ଭୂଷିତ କରାଯାଇଥିଲା ।

ପ୍ରତିଷ୍ଠାନର ୧୦୦ ବର୍ଷର ଐତିହ୍ୟ ସମାରୋହରେ ଯୋଗ ଦେବାକୁ ନେଇ ଡକ୍ଟର ମିଶ୍ର ଆନନ୍ଦ ପ୍ରକାଶ କରିଥିଲେ । ଖଣି, ଶକ୍ତି, ଭୂବିଜ୍ଞାନ ଏବଂ ପ୍ରୟୋଗାତ୍ମକ ଇଞ୍ଜିନିୟରିଂରେ ଏହି ପ୍ରତିଷ୍ଠାନର ବିପୁଳ ଅବଦାନ ବିଷୟରେ ସେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଆଇଆଇଟି ଧାନବାଦ ଏସିଆରେ ଖଣି ଶିକ୍ଷାରେ ଅଗ୍ରଣୀ ରହିଆସିଛି ଏବଂ କୋଲ୍



ଇଣ୍ଡିଆ, ଓଏନଜିସି, ଜିଏସଆଇ, ସିଏମପିଡିଆଇ ଏବଂ ଏନଟିପିସି ଭଳି ଜାତୀୟ ପ୍ରତିଷ୍ଠାନଗୁଡ଼ିକୁ ନିରନ୍ତର ବିଶେଷଜ୍ଞତା ପ୍ରଦାନ କରିଛି। ସେ କହିଛନ୍ତି ଯେ ଏହାର ଗବେଷଣା ଫଳାଫଳ ଖଣି ସୁରକ୍ଷା, କୋଇଲା ଅନୁସନ୍ଧାନ, ତୈଳ ଓ ଗ୍ୟାସ ଏବଂ ଖଣିଜ ଉପକାରିତାରେ ଜାତୀୟ ମାନଦଣ୍ଡକୁ ଆକାର ଦେଇଛି। ଶତବାର୍ଷିକୀ କେବଳ ଏକ ମାଇଲଖୁଣ୍ଟ ନୁହେଁ, ବରଂ ଜ୍ଞାନକୁ ସାମାଜିକ ପରିଣାମ ପାଇଁ ଜନକଲ୍ୟାଣ ଲାଗି କିପରି ବ୍ୟବହାର କରାଯାଇପାରିବ ଏବଂ ଲଗାତାର ପ୍ରତିବଦ୍ଧତା ଦ୍ୱାରା କିଭଳି ସଫଳତା ମିଳିପାରିବ ତାହାର ସ୍ମରଣ କରାଇ ଦେଇଥାଏ। ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଲାଗି ଦୀର୍ଘସ୍ଥାୟୀ ସଂକଳ୍ପକୁ ସାକାର କରିବା ଲାଗି ଏହି ପ୍ରତିଷ୍ଠାନ କେଉଁ ଭୂମିକା ନିର୍ବାହ କରିପାରିବ ସେଥିପ୍ରତି ବିଚ୍ଳାର କରିବା ପାଇଁ ଡକ୍ଟର ମିଶ୍ର ଅପିଲ୍ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ୨୦୪୭ ପାଇଁ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଶ୍ରୀ ମିଶ୍ର କହିଥିଲେ ଯେ, ଏହାର ଲକ୍ଷ୍ୟ ହେଉଛି ପ୍ରକୃତି ଏବଂ ସଂସ୍କୃତିକୁ ସନ୍ତୁଳିତ କରି ଏକ ବିକଶିତ ଦେଶର ମାନ୍ୟତା ହାସଲ କରିବା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ହେବା। ଭାରତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବ, ମହିଳାମାନେ ବିକାଶର ନେତୃତ୍ୱ ନେବେ, ଅର୍ଥବ୍ୟବସ୍ଥା ସମାବେଶୀ ଏବଂ ନବସୃଜନଶୀଳ ହେବ, ଏବଂ ଜାତୀୟ ଜୀବନରେ ଦୁର୍ନୀତି, ଜାତିବାଦ ଏବଂ ସାମ୍ପ୍ରଦାୟିକତାର କୌଣସି ସ୍ଥାନ ରହିବ ନାହିଁ ବୋଲି ସେ ଜୋର୍ ଦେଇ କହିଥିଲେ।

# ବିଜେପି କାର୍ଯ୍ୟକ ।ମା'ଙ୍କ ଏକାଦଶାହ



ଚ୍ଳମ୍ପୁଆ,୩।୧୨(ନି.ପ୍ର.): କେନ୍ଦୁଝର ଜିଲ୍ଲା ଚ୍ଳମ୍ପୁଆ ବ୍ଲକ ଜାମୁଦଳକ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମର ଭାରତୀୟ ଜନତା ପାର୍ଟିର ଦକ୍ଷ କାର୍ଯ୍ୟକର୍ତ୍ତା ସରଙ୍ଗଧର ମହାନ୍ତଙ୍କ ମା ସ୍ୱର୍ଗତ ରାଇମଣି ମହାନ୍ତଙ୍କ ଏକାଦଶାହ କ୍ରିୟା ଏକ ଶକାକୁଳ ପରିସ୍ଥିତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପରିବାର ପକ୍ଷରୁ ସରଙ୍ଗଧର ମହାନ୍ତ,ଭାଇ ଦିଲ୍ଲୀପ ମହାନ୍ତ,ଜଶ୍ମାରାଣୀ ମହାନ୍ତ,ମାନସ ରଞ୍ଜନ ମହାନ୍ତ,ସମୀର ମହାନ୍ତ,ବିଶ୍ୱଜିତ ମହାନ୍ତ,ଭାଗ୍ୟଶ୍ରୀ ମହାନ୍ତ,ମୁଞ୍ଜୁଲତା ମହାନ୍ତ,ପଙ୍କଜିନୀ ମହାନ୍ତ ଓ ପରିବାର ବର୍ଗଙ୍କ ଦ୍ୱାରା ସମସ୍ତ ରୀତିନୀତି ଆଧାରରେ ତାଙ୍କ ଏକାଦଶାହ କ୍ରିୟା ସମ୍ପନ୍ନ ହୋଇଯାଇଛି କ୍ଷ ଏହି ଏକାଦଶାହ କ୍ରିୟାରେ ଚ୍ଳମ୍ପୁଆ ନିର୍ବାଚ୍ଳନ ମଣ୍ଡଳୀର ଧର୍ମପରାୟଣ ବ୍ୟକ୍ତିତ୍ୱ,ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ଯୁବ ବିଜେପି ନେତା କୃଷ୍ଣଚନ୍ଦ୍ର ପାତ୍ର ସାମିଲ ହୋଇ ତାଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିବା ସହିତ ଅମର ଆତ୍ମାର ଶାନ୍ତି ଏବଂ ସଦଗତି ନିମନ୍ତେ ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଛି ।ଏହିପରି ଭାବେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ଠିଆ ହୋଇ ବନ୍ଧୁତ୍ୱ ରକ୍ଷା କରିବା ହେଉ କିମ୍ବା ସ୍ଥାନୀୟ ବିଭିନ୍ନ ସାଂସ୍କୃତିକ, ସାମାଜିକ କାର୍ଯ୍ୟକ୍ରମ, ଆଦିବାସୀ ତଥା ଅନ୍ୟ ପରମ୍ପରାଗତ ସ୍ଥାନୀୟ ଗଣପର୍ବ, ଖେଳକୁଦ ପ୍ରତିଯୋଗିତା ମାନଙ୍କରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା କାରଣରୁ ଶ୍ରୀ ତ୍ରିପାଠୀଙ୍କ ଦିନକୁ ଦିନ ଲୋକପ୍ରିୟତା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି ।

# ଭାରତର ବିବିଧତା ଓ ଭାଷାଗତ ପରମ୍ପରା ହିଁ ସବୁଠୁ ବଡ଼ ଶକ୍ତି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ ଭୁବନେଶ୍ୱର,୩।୧୨(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ବାରାଣାସୀରେ କାଶୀ- ତାମିଲ ସଙ୍ଗମମ୍(କେଟିଏସ ୪.୦)ର ଶୁଭାରମ୍ଭ କରିଛନ୍ତି । କାଶୀ ଓ ତାମିଲନାଡୁ ମଧ୍ୟରେ ଥିବା ଶତାବ୍ଦୀ ଶତାବ୍ଦୀର ଐତିହାସିକ ସମ୍ପର୍କକୁ ଉଜାଗର କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇ ଆସୁଛି।



କାଶୀ ତାମିଲ ସଙ୍ଗମମ୍ ୪.୦ର ସମସ୍ତ ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଆରମ୍ଭ ହୋଇଥିବା କାଶୀ- ତାମିଲ ସଙ୍ଗମମ୍ କାଶୀ ଓ ତାମିଲନାଡୁ ମଧ୍ୟରେ ଜ୍ଞାନର ସେତୁ ତିଆରି କରିଛି । ସଭ୍ୟତାର ଦୁଇଟି ସ୍ତମ୍ଭ ମଧ୍ୟରେ ଥିବା ଶତାବ୍ଦୀ ଶତାବ୍ଦୀର ପୁରାତନ ସମ୍ପର୍କକୁ ମଜଭୂତ୍ କରିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଜନ ଆନ୍ଦୋଳନରେ ପରିଣତ ହେବା ସହ ଅନୁଭୂତିଭିତ୍ତିକ ଶିକ୍ଷଣର ଏକ ମାଧ୍ୟମରେ ପରିଣତ ହୋଇଛି ।

ଭାରତର ବିବିଧତା ଏବଂ ଭାଷାଗତ ପରମ୍ପରା ହିଁ ଏହାର ସବୁଠାରୁ ବଡ଼ ଶକ୍ତି । ତେଣୁ, ଭାଷାଗତ ଏକତା ଓ ଗୌରବ ହିଁ କାଶୀ- ତାମିଲ ସଙ୍ଗମମର ମୂଳରେ ଅନ୍ତର୍ନିହିତ । 'ତାମିଲ ଶିଖିବା' କୁ ଏହାର ପ୍ରମୁଖ ବିଷୟ ଭାବେ ରଖି, କାଶୀ ତାମିଲ ସଙ୍ଗମମ୍ ୪.୦ ଜ୍ଞାନ ଏବଂ ଭାଷା ଭିତ୍ତିକ ଆଦାନପ୍ରଦାନ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସାମିଲ କରିବା ସହ ତାମିଲନାଡୁ ବାହାରେ ତାମିଲ ଭାଷା ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଉଛି । କାଶୀ ତାମିଲ ସଙ୍ଗମମ୍ ୪.୦ 'ଏକ୍ ଭାରତ, ଶ୍ରେଷ୍ଠ ଭାରତ' ର ବିଚ୍ଳାରକୁ ଅଧିକ ମଜବୁତ କରିବା ସହିତ ଟିବି ମାକାଉଲେଙ୍କ ମାନସିକତାକୁ ସବୁଦିନ ପାଇଁ ଶେଷ କରିବାରେ ମୂଳଦୁଆ ପକାଇବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ତାମିଲନାଡୁର ରାଜ୍ୟପାଳ 1 ଆର.ଏନ.ରବି, ପୁଡୁଚେରିର ଉପରାଜ୍ୟପାଳ କେ କୈଳାଶନାଥନ, ଉତ୍ତରପ୍ରଦେଶର ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, ସୂଚ୍ଳନା, ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଲ. ମୁରୁଗନ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଏଆଇ ହାକାଥନ୍ ପାଇଁ ସୋଆ କେନ୍ଦ୍ରୀୟ ଜୋନାଲ ନୋଡାଲ ସେଂଟର

ଭୁବନେଶ୍ୱର୩।୧୨(ନି.ପ୍ର.): ଓଡିଶା ରାଜ୍ୟସ୍ତରୀୟ ଏଆଇ ହାକାଥନ୍ ୨୦୨୫ ପାଇଁ କେନ୍ଦ୍ରାଂଚଳ ନୋଡାଲ ସେଂଟର ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ଚୟନ କରିବା ସହିତ କୃତ୍ରିମ ବୁଦ୍ଧିମତା (ଇଓ) କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଶକ୍ତି କେନ୍ଦ୍ର ହୋଇ ଉଭା ହେବା ପାଇଁ ଓଡିଶାର ପ୍ରୟାସକୁ ଏକ ଶକ୍ତିଶାଳୀ ପ୍ରୋତ୍ସାହନ ମିଳିଛି ।ଏହି ଘୋଷଣା ରାଜ୍ୟବ୍ୟାପୀ ଏଆଇ ଚାଳିତ ନବସୃଜନକୁ ତ୍ୱରାନିତ୍ୱ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଏବଂ ପରିବର୍ତ୍ତନକାରୀ ଚିନ୍ତାଧାରାର ଏକ ସ୍ପନ୍ଦନଶୀଳ ସମନ୍ୱୟ ପାଇଁ ମଂଚ ସ୍ଥାପନ କରିଛି । ଓଡ଼ିଶା ସୋସାଇଟି ଅଫ୍ ଦ ଆମେରିକାସ (ଓଏସ୍ଏ) ଏବଂ ଓଡ଼ିଶା ଏଆଇ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ହାକାଥନ୍ ଛାତ୍ରଛାତ୍ରୀ, ନବସୃଜନକାରୀ ଏବଂ ଯୁବଉଦ୍ୟୋଗୀ ମାନଙ୍କ ଠାରେ ସୃଜନଶୀଳତା ଏବଂ ସମସ୍ୟାକୁ ସମାଧାନ କରି ତାହାକୁ ପ୍ରୋତ୍ସାହିତ କରିବା ସହିତ ଓଡ଼ିଶାକୁ ବିଶ୍ୱସ୍ତରୀୟ ଏଆଇ ମାନଚିତ୍ରରେ ଦୃଢ଼ ଭାବରେ ସ୍ଥାନିତ କରିବାର ଲକ୍ଷ୍ୟ ରଖିଛି ।

ମନୋନୀତ ନୋଡାଲ୍ କେନ୍ଦ୍ର ଭାବରେ ସୋଆ କେନ୍ଦ୍ରୀୟ ଜୋନ୍, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟକଳାପକୁ ସଂଯୋଗ କରିବ ଓ କେନ୍ଦ୍ରାଂଚଳ ପାଇଁ ହାକାଥନ ଆୟୋଜନ କରିବ ।ଏହି ହାକାଥନ୍ ଡିସେମ୍ବର ୧୮, ୨୦୨୫ରେ ଆୟୋଜିତ ହେବାକୁ ଥିବା ଓଡ଼ିଶା ଏଆଇ ସିମ୍ପୋସିୟମ୍ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଭାବେ ପରିଗଣିତ ହେବ । ଏହା ଅନ୍ୟମାନଙ୍କର ପ୍ରେରଣାର ଉତ୍ସ ହେବା ସହିତ ବିଭିନ୍ନ ଅଂଚଳରୁ ଲୋପ ପାଇଯାଇଥିବା ଅତ୍ୟାଧୁନିକ ଚିନ୍ତାଧାରାକୁ ପ୍ରଦର୍ଶିତ କରିବାକୁ ଚେଷ୍ଟା କରାଯାଇପାରିବ । ଏଥିରେ ଅଂଶଗ୍ରହଣକାରୀ ମାନଙ୍କୁ ଏଆଇ ମାଧ୍ୟମରେ ସ୍ଥାନୀୟ ଆକାଂକ୍ଷାକୁ ପ୍ରତିଫଳିତ କରିବା ସହ ଆନ୍ତର୍ଜାତିକ ସ୍ତରରେ ଏହାର ବିକାଶ ନିମନ୍ତେ ଚେଷ୍ଟା କରିବା ନିମନ୍ତେ ଉତ୍ସାହିତ କରାଯାଉଛି । ଡିପ୍ଲୋମା, ସ୍ନାତକୋତର ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀ, ବ୍ୟକ୍ତିଗତ ଉଦ୍ଭାବକ ଏବଂ ପଞ୍ଜିକୃତ, ଅଣପଞ୍ଜିକୃତ ଏବଂ ଷ୍ଟାର୍ଟ-ଅପ୍ ସମସ୍ତେ ଅଂଶଗ୍ରହଣ କରିପାରିବେ । ଏଥି ନିମନ୍ତେ ନିଜର ଧାରଣା ଦାଖଲର ଶେଷ ତାରିଖ ଡିସେମ୍ବର ୫, ୨୦୨୫ ରହିଛି । ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନ୍ ମୂଲ୍ୟାଙ୍କନ ଡିସେମ୍ବର ୭, ୨୦୨୫ରେ ହେବ । ମନୋନୀତ ଦଳ ଗୁଡ଼ିକ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ରେ ସ୍ଥିତ ଏଆଇସି-ସୋଆ ଫାଉଣ୍ଡେସନ୍ ଠାରେ ଡିସେମ୍ବର ୧୦, ୨୦୨୫ରେ ଅନୁଷ୍ଠିତ ହେବାକୁ ଥିବା ହାକାଥନ୍‌ରେ ଯୋଗ ଦେବେ ।କେନ୍ଦ୍ରୀୟ ଜୋନ୍‌ର ଶ୍ରେଷ୍ଠ ୩ଟି ଦଳ ମଧ୍ୟରୁ ପ୍ରଥମ ସ୍ଥାନ ପାଇଁ ୧୨୦୦୦ ଟଙ୍କା, ଦ୍ୱିତୀୟ ୮୦୦୦ ଟଙ୍କା ଏବଂ ତୃତୀୟ ସ୍ଥାନ ପାଇଁ ୫୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ।

# ଇମ୍ଫା ଥେରୁବାଲି ଦ୍ୱାରା ନୂତନ ଆମ୍ବୁଲାନ୍ସ ସେବା ଲୋକାର୍ପିତ

ଥେରୁବାଲି,୩।୧୨(ନି.ପ୍ର.): ଇମ୍ଫା ର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକାରୀ ସଂସ୍ଥା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ଦ୍ୱାରା ଥେରୁବାଲି ଅଞ୍ଚଳବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଏକ ନୂତନ ଆମ୍ବୁଲାନ୍ସ ଲୋକାର୍ପିତ କରାଯିବା ସଂଗେ ସଂଗେ ସ୍ୱାସ୍ଥ୍ୟସେବା ଯୋଗାଣର ଶୁଭାରମ୍ଭ ହୋଇଛି । ଏହି ଲୋକାର୍ପଣ ସମାରୋହ ରେ ଥେରୁବାଲି ସରପଞ୍ଚ ସୁଶ୍ରୀ ମମତା ପୁଲକା, ଖେଦପଡା ସରପଞ୍ଚ ଶ୍ରୀମାନ ନରସିଂହ କିଲକା, ଡୁମୁରିଗୁଡା ସରପଞ୍ଚ ସୁଶ୍ରୀ ମାଣିକ ପିର୍ବାକା , କାର୍ତ୍ତୀକଗୁଡ଼ା ସରପଞ୍ଚ ସୁଶ୍ରୀ ରୀନା କାଡ୍ରାକା ,କେଲିଗୁଡା ସରପଞ୍ଚ ଶ୍ରୀମତୀ ସୁଶାନ୍ତି କୁତ୍ରୁକା , କୋଲନରା ପଞ୍ଚାୟତ ସମିତିର ଉପାଧକ୍ଷ୍ୟ ଶ୍ରୀମାନ ହଳଧର ହିମିରିକା ଓ ସମିତି ସଭ୍ୟମାନଙ୍କ ଉପସ୍ଥତିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ରୀନା ପ୍ରଧାନ ରିବନ ଫିତା କାଟି ସବୁଜ ପତାକା ଦେଖାଇ ମାଗଣା ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ ଓ ଇମ୍ଫାର ଏଭଳି ଜନହିତକର ସେବାକାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ର ଉପସଭାପତି ଶ୍ରୀମାନ ଧର୍ମେଶ ଗୋଏଲ ,ଇମ୍ଫା- ଥେରୁବାଲି ର ଉପସଭାପତି ଶ୍ରୀମାନ ଆଶୀଷ କୁମାର ରାୟ ,ସାଧାରଣ ପରିଚ୍ଳାଳକ(ଯାନ୍ତ୍ରିକ) ଶ୍ରୀମାନ ଏମ୍. ଶ୍ରୀନିଭାସ , ସାଧାରଣ ପରିଚ୍ଳାଳକ





(ଯୋଗାଣ ଶୃଙ୍ଖଳା) ଶ୍ରୀମାନ ଅତନୁ ମିଶ୍ର , ଉପମୁଖ୍ୟ ପରିଚ୍ଳାଳକ (ମାନବ ସମ୍ବଳ ଓ ସାଧାରଣ ପ୍ରସାଶାନ) ଶ୍ରୀମାନ କ୍ଷୀତିଶ ଚ୍ଳନ୍ଦ୍ର ମହାପାତ୍ର ଓ ସମସ୍ତ ବିଭାଗର ମୁଖ୍ୟ , ଇମ୍ଫା ହସ୍ପିଟାଲ ର ମୁଖ୍ୟ ଡାକ୍ତର ଶ୍ରୀମତୀ ବାଗ୍ମୀ ପଣ୍ଡା , ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ର ଓ ସମସ୍ତ କର୍ମଚ୍ଳାରୀ ଉପସ୍ଥିତ ଥିବାବେଳେ ଲୋକ ସମ୍ପର୍କ ବିଭାଗର ସରକାରୀ ପରିଚ୍ଳାଳକ ଶ୍ରୀମାନ ଦୀପକ କୁମାର ଓଝା ଓ ସହାକର୍ମୀମାନେ କାର୍ଯ୍ୟକ୍ରମ ପରିଚ୍ଳାଳନା କରିଥିଲେ। ୨୦୧୮ ମସିହାରୁ ଏହି ମାଗଣା ଅମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୨୦୦୦ ରୁ ଉର୍ଦ୍ଧ ଜନ ସଂଖ୍ୟା ପାଇଁ ଉନ୍ନତ ସେବା ଯୋଗାଇବା ପାଇଁ ଆଉ ଏକ ନୂତନ ଅମ୍ବୁଲାନ୍ସ ସଂଲଗ୍ନ କରାଯାଇଛି। ଏହା ଦିବାରାତ୍ରୀ ମାଗଣା ଅମ୍ବୁଲାନ୍ସ ସେବା ନିରନ୍ତର ଭାବେ ଯୋଗାଇଥାଏ।। ଇମ୍ଫାର ଏଭଳି ଜନହିତକର କାର୍ଯ୍ୟକ୍ରମ କୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଇମ୍ଫା କର୍ତ୍ତୃପକ୍ଷ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସେବା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ମାଗଣାରେ ଜରୁରୀକାଳୀନ ଅମ୍ବୁଲାନ୍ସ ସେବା ପାଇ ପାରିବେ ବୋଲି ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମାନ ପ୍ରଭାକର ପଣ୍ଡା ପ୍ରକାଶ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ